## ହରମନପ୍ରୀତ୍‌ଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଘୋଷଣା
## ୨ ବର୍ଷ ପରେ ଫେରିଲେ ଯଷ୍ଟିକା ଭାଟିଆ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୯୨ ● ୩ ମଇ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-92 ● 3rd May 2026, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ

# ପାସ୍ ହାର ୯୫.୩୩%, ଆଗରେ ଗଜପତି, ପଛରେ କେନ୍ଦୁଝର

କଟକ,୨।୫

ନ୍ୟୁଜ୍‌ବ୍ୟୁରୋ

ଶନିବାର ପ୍ରକାଶ ପାଇଛି ମାଟ୍ରିକ ପରୀକ୍ଷା ଫଳ-୨୦୨୬। ଚଳିତ ବର୍ଷ ପାସ୍ ହାର ୯୫.୩୩ ପ୍ରତିଶତ ହୋଇଛି। ବୋର୍ଡ କାର୍ଯ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ଉପସ୍ଥିତିରେ ଫଳାଫଳ ଘୋଷଣା କରାଯାଇଛି। ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି ଗଣଶିକ୍ଷାମନ୍ତ୍ରୀ। ରେଗୁଲାର ପାସ୍ ହାର ୯୫.୩୩ ପ୍ରତିଶତ ହୋଇଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ପାସ୍ ହାର ୫୯.୮୨% ରହିଛି।



ଗଜପତି ଜିଲ୍ଲାରେ ସର୍ବାଧିକ ପାସ୍ ହାର ହୋଇଥିବା ବେଳେ ଦ୍ୱିତୀୟରେ ରହିଛି ଗଞ୍ଜାମ ଜିଲ୍ଲା। ଗଜପତି ଜିଲ୍ଲାରେ ୯୯.୩୧ ପ୍ରତିଶତ ପାସ୍ ହାର ରହିଛି। କେନ୍ଦୁଝର ଜିଲ୍ଲାରେ ସର୍ବନିମ୍ନ ପାସ୍ ହାର (୯୪.୩୫ ପ୍ରତିଶତ)। ୩୩୧୦ ସ୍କୁଲରେ ଫଳାଫଳ ୧୦୦ ପ୍ରତିଶତ। ୩ଟି ସ୍କୁଲରେ ଶୂନ ରେଜଲ୍ଟ ହୋଇଛି। ଚଳିତ ବର୍ଷ ୫.୩୬ ଲକ୍ଷ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିମଧ୍ୟରୁ ୫,୧୫,୨୫୧ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ପାସ୍ କରିଛନ୍ତି।

୨ ଲକ୍ଷ ୭୩ ହଜାର ୯୧୭ ଜଣ ବାଳିକା ପରୀକ୍ଷା ଦେଇଥିବା ବେଳେ ୨ ଲକ୍ଷ ୬୩ ହଜାର ୩୬୧ ଜଣ ପାସ୍ କରିଛନ୍ତି। ସେହିପରି ୨ ଲକ୍ଷ ୭୨ ହଜାର ୯୫୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨ ଲକ୍ଷ ୫୬ ହଜାର ୪୦୫ ଜଣ ପରୀକ୍ଷାର୍ଥୀ ପାସ କରିଛନ୍ତି। ଏଥର ଛାତ୍ରଛାତ୍ରୀମାନେ ଉଭୟ ଇଂରାଜୀ ଓ ଓଡ଼ିଆରେ ଲିଖିତ ସାର୍ଟିଫିକେଟ ପାଇବେ ବୋଲି ଘୋଷଣା କରାଯାଇଛି।

ଏଥିରେ ଏ୧ ଗ୍ରେଡ୍ ରେ ୨୪୫୬, ଏ୨ ଗ୍ରେଡ୍ ରେ ୧୫,୬୮୧, ବି୧ ଗ୍ରେଡ୍‌ରେ ୪୩,୫୬୫ ଜଣ, ବି୨ ଗ୍ରେଡ୍‌ରେ ୮୬,୧୦୩ ଜଣ, ସି ଗ୍ରେଡ୍‌ରେ ୧ ଲକ୍ଷ ୨୯ ହଜାର ୮୧୩ ଜଣ ପାସ୍, ଡି ଗ୍ରେଡ୍‌ରେ ୧ ଲକ୍ଷ ୪୬ ହଜାର ୧୫୨ ଜଣ, ଇ ଗ୍ରେଡ୍‌ରେ ୯୫,୪୮୧ରେ ହୋଇଛନ୍ତି। ସେହିପରି ମଧ୍ୟମାରେ ୩୩୫୮ ଜଣ ଫର୍ମ ପୂରଣ କରିଥିବା ବେଳେ ୨୯୮୨ ଜଣ ପରୀକ୍ଷା ଦେଇଥିଲେ। ମଧ୍ୟମାରେ ପାସ୍ ହାର ରହିଛି ୮୭.୩ %। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ରେ ୧୦୦୪୩ ଜଣ ପରୀକ୍ଷା ଦେଇଥିବା ବେଳେ ୭୪୦୫ ଜଣ ପାସ୍ କରିଛନ୍ତି। ପାସ୍ ହାର ୫୯.୮୨% ରହିଛି।

ଗଜପତି ଜିଲ୍ଲାରେ ସର୍ବାଧିକ ୯୯.୩୧ ପ୍ରତିଶତ ପାସ୍ (ପୃଷ୍ଠା ୭ରେ)

## ମାଓବାଦୀଙ୍କ ବର୍ବର କାଣ୍ଡ

# ଆଇଇଡି ବିସ୍ଫୋରଣ, ୪ ଯବାନ ସହିଦ

କାଙ୍କେର,୨।୫

ଛତିଶଗଡ଼ର କାଙ୍କେର ଏବଂ ନାରାୟଣପୁର ଜିଲ୍ଲାର ସୀମାରେ ଡିମାଇନିଂ ଅପରେସନ୍ ସମୟରେ ଏକ ଆଇଇଡି ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ତିନି ଜଣ ଡିଆରଜି ଯବାନ ସହିଦ ହୋଇଥିବା ବେଳେ ଜଣେ ଆହତ ହୋଇଥିଲେ। ଆହତ ସୈନିକଙ୍କୁ ଚିକିତ୍ସା ପାଇଁ ରାୟପୁର ଅଣାଯାଇଥିଲା, ଯେଉଁଠାରେ ତାଙ୍କର ମଧ୍ୟ ଚିକିତ୍ସା ସମୟରେ ମୃତ୍ୟୁ ହୋଇଛି। ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ଛୋଟେବେଠିଆ ପୋଲିସ ଷ୍ଟେସନ୍ ଅଧୀନରେ ଥିବା ଏକ ଜଙ୍ଗଲ ଅଞ୍ଚଳରେ ଏହି ଘଟଣା ଘଟିଥିଲା। ନକ୍ସଲମାନଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡି ଗୁଡ଼ିକୁ ଚିହ୍ନଟ ଏବଂ ନିଷ୍କ୍ରିୟ କରିବା ପାଇଁ ଏକ ଡିଆରଜି ଟିମ୍ ଲ୍ୟାଣ୍ଡମାଇନ୍ ଡିମାଇନିଂ ଅପରେସନ୍ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ଏବଂ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ଏକ ଶୋକ ବାର୍ତ୍ତା ଜାରି କରିଛନ୍ତି।



କାଙ୍କେର ଏସ୍‌ପି ନିଖିଲ ରାଖେଚା କହିଛନ୍ତି ଯେ, କାଙ୍କେର ଜିଲ୍ଲାର ଛୋଟେବେଠିଆ ପୋଲିସ ଷ୍ଟେସନ୍ ଅଞ୍ଚଳର କୋରୋସ୍କୋଡା ଅଞ୍ଚଳରେ ଯବାନମାନେ ସନ୍ଧାନ ଏବଂ ଡିମାଇନିଂ କରୁଥିଲେ। ଏହା ନାରାୟଣପୁର ଏବଂ କାଙ୍କେର ମଧ୍ୟରେ ସୀମାବର୍ତ୍ତୀ ଅଞ୍ଚଳ। ଡିମାଇନିଂ ଅପରେସନ୍ ସମୟରେ ଆଇଇଡି ବୋମା ବିସ୍ଫୋରଣ ହୋଇଥିଲା। କାଙ୍କେର ଡିଆରଜିର ତିନି ଜଣ ଯବାନ ଘଟଣାସ୍ଥଳେ ସହିଦ ହୋଇଥିବା ବେଳେ ଚତୁର୍ଥ ଯବାନ ରାୟପୁରରେ ଚିକିତ୍ସା ସମୟରେ ମୃତ୍ୟୁବରଣ କରିଥିଲେ।

'ଡିମାଇନିଂ ଅପରେସନ୍ ସମୟରେ ଦୁର୍ଘଟଣାଜନିତ ଆଇଇଡି ବିସ୍ଫୋରଣରେ କାଙ୍କେର ଡିଆରଜିର ଚାରି ଜଣ ଯବାନ ଆହତ ହୋଇଥିଲେ। ଇନ୍ସପେକ୍ଟର ସୁଖରାମ ଭଟି, କନଷ୍ଟେବଳ କୃଷ୍ଣ କୋମରା ଏବଂ କନଷ୍ଟେବଳ ସଞ୍ଜୟ ଗଡ଼ପାଲେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଜଣେ ଆହତ ଯବାନ, କନଷ୍ଟେବଳ ପରମାନନ୍ଦ କୋମରାଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାୟପୁର ଅଣାଯାଇଥିଲା। ସେଠାରେ ଚିକିତ୍ସା ସମୟରେ (ପୃଷ୍ଠା ୭ରେ)

## ୪ରେ ବଞ୍ଚିତ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା



ଭୁବନେଶ୍ୱର,୨।୫

ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୪ ତାରିଖରେ ବଞ୍ଚିତ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ। ବଞ୍ଚିତ ହୋଇଥିବା ୧ ଲକ୍ଷ ୨୩ ହଜାର ୮୪୯ ହିତାଧିକାରୀ ଏହି ଟଙ୍କା ପାଇବେ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ୍ସରେ ଏହି ସୂଚନା ଦେଇଛନ୍ତି।

# ମେ' ଦ୍ୱିତୀୟ ସପ୍ତାହରେ ବଡ଼ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୨।୫

ନ୍ୟୁଜ୍‌ବ୍ୟୁରୋ

ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାଣିପାଗକୁ ନେଇ ଆସିଛି ଏକ ବଡ଼ ଖବର। ମେ' ମାସ ଦ୍ୱିତୀୟ ସପ୍ତାହ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ବିଭିନ୍ନ ଅନ୍ତର୍ଜାତୀୟ ପାଣିପାଗ ମଡେଲର ସୂଚନା ଅନୁଯାୟୀ, ବଙ୍ଗୋପସାଗର ଏବେ ଅଶାନ୍ତ ହେବାକୁ ଯାଉଛି, ଯାହା ଆଗାମୀ ଦିନରେ ବାତ୍ୟାର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

ଆମେରିକୀୟ ପାଣିପାଗ ସଂସ୍ଥା 'ଗ୍ଲୋବାଲ୍ ଫୋରକାଷ୍ଟ ସିଷ୍ଟମ୍' ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ମଡେଲଗୁଡ଼ିକରୁ ମିଳିଥିବା ସଙ୍କେତ ଅନୁଯାୟୀ, ମେ' ୧୧ ରୁ ୧୪ ତାରିଖ ମଧ୍ୟରେ ଏହି ସିଷ୍ଟମ୍ ସକ୍ରିୟ ହୋଇପାରେ। ଦକ୍ଷିଣ-ପୂର୍ବ ବଙ୍ଗୋପ-ସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ବାୟୁମଣ୍ଡଳରେ ବର୍ତ୍ତମାନ ଯେଉଁଭଳି ଅସ୍ଥିରତା ଦେଖା ଦେଉଛି, ତାହା ଏକ ଶକ୍ତିଶାଳୀ ସିଷ୍ଟମ୍ ସୃଷ୍ଟି ପାଇଁ ଅନୁକୂଳ ପରିବେଶ ତିଆରି କରୁଛି।

ପାଣିପାଗ ବିଜ୍ଞାନୀଙ୍କ ଅନୁସାରେ, ବର୍ତ୍ତମାନ ବଙ୍ଗୋପସାଗରରେ ସମୁଦ୍ର ପଉନର ତାପମାତ୍ରା ୨୯ ଡିଗ୍ରୀ ସେଲସିୟସରୁ ୩୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି। ସାଧାରଣତଃ ଲଘୁଚାପ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବା ପାଇଁ ସମୁଦ୍ର ପଉନର ତାପମାତ୍ରା ୨୬.୫ ଡିଗ୍ରୀରୁ ଅଧିକ ରହିବା ଆବଶ୍ୟକ। ବର୍ତ୍ତମାନର ଉଚ୍ଚ ତାପମାତ୍ରା ଏହି ସମ୍ଭାବ୍ୟ ଲଘୁଚାପକୁ ଅଧିକ ବଳଶାଳୀ କରିବାରେ (ପୃଷ୍ଠା ୭ରେ)

## ରାଜ୍ୟ ସରକାର ପ୍ରସ୍ତୁତ



ଭୁବନେଶ୍ୱର,୨।୫

ନ୍ୟୁଜ୍‌ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା ଆକଳନକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବାତ୍ୟା ବନ୍ୟା (ପୃଷ୍ଠା ୭ରେ)

# ମହାନଦୀ ଜଳ ବିବାଦ ମାମଲା ନେଇ ଟ୍ରିବ୍ୟୁନାଲ୍‌ରେ ଶୁଣାଣି

ଭୁବନେଶ୍ୱର,୨।୫

ନ୍ୟୁଜ୍‌ବ୍ୟୁରୋ

ମହାନଦୀ ଜଳ ବିବାଦ ମାମଲା ନେଇ ଟ୍ରିବ୍ୟୁନାଲ୍‌ରେ ଶୁଣାଣି ହୋଇଛି। ମୌସୁମୀ ଓ ଅଣମୌସୁମୀରେ କେତେ ଜଳ ପ୍ରବାହିତ ହେଉଛି ସେନେଇ ଅବଗତ କରାଯାଇଛି। ଟ୍ରିବ୍ୟୁନାଲଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ଓଡ଼ିଶା, ଛତିଶଗଡ଼ ଏ ବିଷୟରେ ଅବଗତ କରିଛନ୍ତି।

ଆପୋଷ ବୁଝାମଣା ନେଇ ବୈଷୟିକ ସ୍ତରରେ ଆଲୋଚନା ହୋଇଛି। ଓଡ଼ିଶା ପକ୍ଷରୁ ପକ୍ଷ ରଖିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ମେ' ୩୦ ତାରିଖରେ ପରବର୍ତ୍ତୀ ଶୁଣାଣି ନେଇ ଦିନ ଧାର୍ଯ୍ୟ କରାଯାଇଛି।

ଶୁଣାଣି ପରେ ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇ କହିଛନ୍ତି ଯେ ଆଜିର ଶୁଣାଣି ଐତିହାସିକ ଥିଲା। ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ର ପ୍ରୟାସକୁ ଟ୍ରିବ୍ୟୁନାଲ ପ୍ରଶଂସା କରିଛନ୍ତି। ଉଭୟ ରାଜ୍ୟର ଆଗ୍ରହ ଓ ଉଦ୍ୟମ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି ଟ୍ରିବ୍ୟୁନାଲ। ମହାନଦୀ ଜଳ ବିବାଦ ନେଇ ସମାଧାନର ରାସ୍ତା ଆଉ ପାଦେ ଆଗେଇଛି। ଦୁଇଟି ପ୍ରସଙ୍ଗରେ ଉଭୟ ରାଜ୍ୟ ସହମତି ପତ୍ର ପ୍ରଦାନ କରିଛନ୍ତି। ବାକି ଯେଉଁ ପ୍ରସଙ୍ଗ ରହିଛି ସେସବୁ ଖୁବ୍ ଶୀଘ୍ର (ପୃଷ୍ଠା ୭ରେ)

## ରୋହିତ ଜୈନ ଆରବିଆଇର ନୂଆ ଡେପୁଟି ଗଭର୍ଣ୍ଣର



ମୁମ୍ବାଇ,୨।୫

ରୋହିତ ଜୈନ ରିଜର୍ଭ ବ୍ୟାଙ୍କର ନୂଆ ଡେପୁଟି ଗଭର୍ଣ୍ଣର ଭାବେ ୩ ବର୍ଷ ପାଇଁ ନିଯୁକ୍ତ ହୋଇଛନ୍ତି। ଟି. ରବିଶଙ୍କରଙ୍କ ସ୍ଥାନରେ ନିଯୁକ୍ତି ପାଇଥିବା ଶ୍ରୀ ଜୈନଙ୍କ କାର୍ଯ୍ୟକାଳ ମେ' ୩ ତାରିଖରୁ ଆରମ୍ଭ ହେବ। ସଂପ୍ରତି ସେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦରେ ଅଛନ୍ତି। ରିଜର୍ଭ ବ୍ୟାଙ୍କ ଆଇନ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଦିଲ୍ଲୀରେ ଜଣେ ବିଚାରପତିଙ୍କ ଆତ୍ମହତ୍ୟା।
- ଜାମାଇକା, ସୁରିନାମ ଏବଂ ତ୍ରିନିଦାଦ ଏବଂ ଟୋବାଗୋ ଗସ୍ତ କରିବେ ବୈଦେଶିକ ମନ୍ତ୍ରୀ।
- ପୁଲୱାମାରେ ଆତଙ୍କୀ ସହଯୋଗୀ ଗିରଫ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋଟକ ଜବତ।
- ପଶ୍ଚିମବଙ୍ଗର ଡାଇମଣ୍ଡ ହାର୍ବର ଏବଂ ମଗରାହାଟ ପଶ୍ଚିମ ବିଧାନ ସଭା ଆସନର ୧୫ ଟି ମତଦାନ କେନ୍ଦ୍ରରେ ପୁନଃ ମତଦାନ; କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ।
- ମଧ୍ୟପ୍ରଦେଶର ବରଗୀ ଡ୍ୟାମ୍ କ୍ରୁଜ୍ ଅଘଟଣରେ ୪ ନିଖୋଜଙ୍କ ତଲାସ ଜାରି, ନିଆଗଲା ସେନା ସହାୟତା।

# ଦେଶର ପ୍ରଥମ 'ଡିଜିଟାଲ' ନ୍ୟାୟପାଳିକାର ରାଜ୍ୟ ହେଲା ସିକ୍କିମ



ଗ୍ୟାଙ୍ଗଟକ୍,୨।୫

ଭାରତୀୟ ନ୍ୟାୟପାଳିକା ବ୍ୟବସ୍ଥାରେ ଏକ ଐତିହାସିକ ପଦକ୍ଷେପ ନେଇ ସିକ୍କିମ ନିଜକୁ ଦେଶର ପ୍ରଥମ କାଗଜପତ୍ର ବିହୀନ (ପେପରଲେସ୍) ନ୍ୟାୟପାଳିକାର ଘୋଷଣା କରିଛି। ଏହି ଘୋଷଣା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଗ୍ୟାଙ୍ଗଟକର ଚିନ୍ତନ ଭବନରେ ଅନୁଷ୍ଠିତ ଜାତୀୟ ବୈଷୟିକ ଓ ନ୍ୟାୟିକ ଶିକ୍ଷା ସମ୍ମିଳନୀର ଉଦ୍‌ଘାଟନ ଅବସରରେ କରିଛନ୍ତି। ଏହି ଦୁଇ ଦିବସୀୟ ସମ୍ମିଳନୀ ସିକ୍କିମ ହାଇକୋର୍ଟଙ୍କ (ପୃଷ୍ଠା ୭ରେ)

## ଲରିକୁ ଧକ୍କା ଦେଲା କାର୍ ଚାଲିଗଲା ୬ ଜୀବନ

ହାଇଦ୍ରାବାଦ,୨।୫

ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଆଉଟର ରିଙ୍ଗ ରୋଡ୍‌ରେ, ଏକ ଦ୍ରୁତଗାମୀ କାର୍ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଲରିକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। କୁହାଯାଉଛି ଯେ ଲରିରେ ଲୋଡ୍ ହୋଇଥିବା ସାମଗ୍ରୀକୁ ରଶିରେ ବାନ୍ଧିବା ପାଇଁ ରାସ୍ତା କଡରେ ଲରିକୁ ଅଟକାଯାଇଥିଲା। କିନ୍ତୁ ଏହି ସମୟରେ କାରଟି ପଛରୁ ଲରିକୁ ଧକ୍କା ଦେଇଥିଲା। କାରରେ ମୋଟ ୭ଜଣ ଥିଲେ। ୬ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି।

ପୁଲିସ ଘଟଣାର ଯାଞ୍ଚ (ପୃଷ୍ଠା ୭ରେ)



## ଏକାଳ ପଖାଳ



ମହାନଦୀ କଳି କେବେକୁ ଛିଡ଼ିବ
ଜାଣିଥିବେ ଗଙ୍ଗାମାତା
ବରଷ ପରେ ବରଷ ବିତଇ
ବାଆକୁ ସାହାରା ବତା
ଫାଇଲିର ନାଲି ଫିତା
ତା'ତଳେ ନଦୀ ଜଳଧାରା
ହରେଇବନି ତ ଚେତା!!

# ଦିନିକିଆ ସ୍ୱତନ୍ତ୍ର ବିଧାନସଭା : ସରକାର ଶୁଣିଲେ, ଶୁଣାଇଲେ



ବିବେକାନନ୍ଦ ଜେନା

ପୂର୍ବ ଘୋଷିତ କାର୍ଯ୍ୟସୂଚୀ ମୁତାବକ ଅପ୍ରେଲ୍ ୩୦ ତାରିଖରେ ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ହେଲା। 'ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ' ସମ୍ପର୍କରେ ଆଲୋଚନା ପାଇଁ ଆହୂତ ଏହି ଅଧିବେଶନ ପୂର୍ବାହ୍ନ ୧୧ ଘଟିକାରୁ ଆରମ୍ଭ ହୋଇ ବିଳମ୍ବିତ ରାତି (ଘ.୧୨.୪୫ମିନିଟ୍) ପର୍ଯ୍ୟନ୍ତ ଚାଲିଲା। ଦୀର୍ଘ ୧୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ମାରାଥନ ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଉଭୟ ବିରୋଧୀ ଓ ଶାସକ ଦଳର ବହୁ ବିଧାୟକ ଓ ବିଧାୟିକା ଭାଗନେଲେ। ଆଲୋଚନା ସମୟରେ ସରକାର ଯେତିକି ଶୁଣିଲେ ତା'ଠାରୁ ଢେର ଅଧିକ ଶୁଣାଇଲେ। ବିରୋଧିଦଳ ବିଧାୟକମାନଙ୍କ କଥାରେ ସରକାର ଯେତିକି କଷ୍ଟ ପାଇନଥିଲେ ତା'ଠାରୁ ଅଧିକ କଷ୍ଟକର କଥା ବିରୋଧୀଙ୍କୁ ଶୁଣାଇଲେ। ଦିନ ତମାମ୍ ଚାଲିଥିବା ଏହି ଆଲୋଚନାରୁ ଅବଶ୍ୟ ସରକାରଙ୍କୁ ବେଶ୍ ଫାଇଦା ମିଳିଲା। କାହିଁକି ନା ମହିଳାଙ୍କୁ ଉପଯୁକ୍ତ ସମ୍ମାନ-ନ୍ୟାୟ ପ୍ରଦାନ ବିଶେଷକରି ସେମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଶକ୍ତ କରିବା ଲାଗି ଅଧିକାର ପ୍ରଦାନ ନିମନ୍ତେ ଡବଲ୍ ଇଂଜିନ୍ ସରକାର ଯାହା ଲାଗୁ କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ ଏବଂ ଚାମ୍ପିଅନ୍ ହେବାକୁ ଚାହିଁଥିଲେ, ସେଥିରେ ଓଡ଼ିଶା ସରକାର ଆଉ ପାଦ ଆଗକୁ ଯାଇ ଆଗୁଆ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଆହୂତ କରି ମହିଳାଙ୍କ ପ୍ରସଙ୍ଗରେ ଆଲୋଚନା କଲେ। ଅନ୍ୟ ପକ୍ଷରେ ବିରୋଧୀ ଦଳ ସରକାରଙ୍କ ଏପ୍ରକାର ଆଭିମୁଖ୍ୟକୁ ନାପସନ୍ଦ କରିବା ସହ ଏଭଳି ଉଦ୍ୟମକୁ ଛଳନାପୂର୍ଣ୍ଣ ଓ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଥିଲେ। ନିର୍ଦ୍ଧାରିତ ପ୍ରସଙ୍ଗ (ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ)ରେ ଆଲୋଚନା କରିବା ପରିବର୍ତ୍ତେ ଗୃହରେ ଆଲୋଚକ (ବିଧାୟକ ଓ ବିଧାୟିକା)ମାନେ ପ୍ରସଙ୍ଗ ବାହାରକୁ ଯାଇ ଅନେକ ଅପ୍ରସଙ୍ଗ ଉଠାଇଲେ। ଯାହାକୁ ନେଇ ଗୃହରେ ବେଶ୍ କିଛି ସମୟ ପାଇଁ ଯୁକ୍ତିତର୍କ, ଆକ୍ଷେପ ଓ ପ୍ରତିଆକ୍ଷେପ ଉଭୟ ଦଳର ସଦସ୍ୟଙ୍କ ମଧ୍ୟରେ ହୋଇଥିଲା।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଧାନସଭାରେ ଆଲୋଚନାର ଉତ୍ତର ଦେବାବେଳେ ବିରୋଧୀ ଦଳକୁ ଶାଣିତ ସ୍ୱରରେ ସମାଲୋଚନା କରିଥିଲେ। ସେ କହିଥିଲେ କେବଳ ପଞ୍ଚାୟତ ସ୍ତରରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ କରିଦେଇ ପୂର୍ବ ସରକାର ଯେଉଁ ବାହାବା ନେଉଛନ୍ତି ତା'ର କିଛି ମାନେ ନାହିଁ। ସେମାନେ (ପୃଷ୍ଠା ୭ରେ)





# ୨ ମାସରେ ଫାଟିଗଲା ନାନକାର ଡିହ ବଳରାମପୁର ଢଳେଇ ରାସ୍ତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ନାନକାର ଡିହ ବଳରାମପୁର ରାସ୍ତା ନିର୍ମାଣର ଦୁଇମାସ ମଧ୍ୟରେ ଫାଟିଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ରାସ୍ତା ଜନସାଧାରଣଙ୍କ ହିତରେ ଲାଗିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବାବେଳେ ଗୃହ ନିର୍ମାଣର ଅବହେଳା ଯୋଗୁ ରାସ୍ତା ନିର୍ମାଣର ଦୁଇମାସ ମଧ୍ୟରେ ରାସ୍ତାଟି ସମ୍ପୂର୍ଣ୍ଣ ଫାଟିଯାଇଛି। ସ୍ଥାନୀୟ ବାସିନ୍ଦାମାନଙ୍କ ଠାରୁ ପ୍ରକାଶ ଯେ ଠିକାଦାର ଜଣକ ଅତି ନିମ୍ନମାନର କାମ କରୁଥିବାରୁ କାମ ଚାଲୁଥିବା ସମୟରେ ସ୍ଥାନୀୟ ବାସିନ୍ଦାମାନେ ତାଙ୍କୁ ବିରୋଧ କରିଥିଲେ। ହେଲେ ବିଭାଗୀୟ ଅଧିକାରୀଙ୍କ ସାହାସରେ ଠିକାଦାର ଜଣକ ନିମ୍ନମାନର କାମ କରୁଥିବାରୁ ତାହା ଫାଟି ଯାଇଛି। ତୁରନ୍ତ ଘଟଣାର ତଦନ୍ତ କରି ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି।



# ୪୫ ଗ୍ରାମରେ ନାହିଁ ମୋବାଇଲ୍ ସେବା

## ///////// ଖରା ଛୁଟିରେ ପଢ଼ିପାରିବେନି ଅନ୍‌ଲାଇନ୍ ପାଠ /////////

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଖରା ଛୁଟିରେ ପିଲାମାନେ ଯେଭଳି ଘରେ ରହି ପାଠ ପଢ଼ି ପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରତି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ହ୍ୱାଟ୍ସ ଆପ୍ ମାଧ୍ୟମରେ ଶିକ୍ଷାଦାନ କରାଯିବ। ଏଥିପାଇଁ ଆସନ୍ତା ୨୫ ତାରିଖରୁ ଅଭିଭାବକଙ୍କ ମୋବାଇଲରେ ହ୍ୱାଟ୍ସ ଆପ୍ ଗ୍ରୁପ୍ ଖୋଲି ଏହାକୁ ସକ୍ରିୟ କରିବାକୁ ଓସେପାର ଅତିରିକ୍ତ ନିର୍ଦ୍ଦେଶିକା ଅମିତା ପଟ୍ଟନାୟକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁ ଅଭିଭାବକଙ୍କ ନିକଟରେ ସ୍ମାର୍ଟଫୋନ୍ ବା ହ୍ୱାଟ୍ସ ଆପ୍ ନାହିଁ, ସେମାନଙ୍କ ପାଇଁ ଏସ୍ଏମ୍ଏସ୍ କିମ୍ବା ଅଟୋମୋଟେଡ୍ ଭଏସ୍ କଲ୍ ମାଧ୍ୟମରେ ପାଠ୍ୟ ସୂଚନା ଦିଆଯିବ। ହେଲେ ପ୍ରଶ୍ନ ଉଠୁଛି ଯେଉଁଠି ମୂଳରୁ ମୋବାଇଲ୍ ସେବା ନାହିଁ ସେଠିକାର ଛାତ୍ରଛାତ୍ରୀ କିପରି ପାଠ ପଢ଼ିବେ। ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ୍‌ରେ ଏଭଳି ସ୍ଥିତି ରହିଛି। ବ୍ଲକ୍‌ର ବଡ଼ଗୋଚ୍ଛା ପଞ୍ଚାୟତର କୌଣସି ଗ୍ରାମରେ ମୋବାଇଲ୍ ସେବା ନାହିଁ। ଏହା ସହ ଏହି ବ୍ଲକ୍‌ର ଗୌଡ଼ଗୋଠ, ଗାଜଲବାଡ଼ି, ମେରିକୋଟ ପଞ୍ଚାୟତର ଅଧିକାଂଶ ଗ୍ରାମ ଓ ଲାଠିପଡ଼ା ପଞ୍ଚାୟତର କିଛି ଗ୍ରାମରେ ମୋବାଇଲ୍ ସେବା ନାହିଁ। ସୋରଡ଼ା ବ୍ଲକ୍‌ର ୨୦୦୫ ମସିହାରୁ ମୋବାଇଲ୍ ସେବା ଆରମ୍ଭ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଉପରୋକ୍ତ ୫ ପଞ୍ଚାୟତର ଜଗମୋହନ, ବେସରକଟା, ଗାଜରକୁମ୍ଭା, ବାଲିପଦର, ନୂଆସାହି, ଗୁଞ୍ଜୁଲି, ଖାରିଛୁଆଁ, ବାଲିନାଳ, କୁଡୁମା, ଡୁହାର, ହେପ୍ରମା, କୁଟୁମା, ଦୁଦୁବୁରୀ, କୃପାଗୁଡ଼ି, କଇଠଗୁଡ଼ି, ପୁଟାବାଲି, ସୀତାଆମ୍ବ, ଜେରା, ଗଣ୍ଡିଗାଁ, ଲୋହରା ଗାଁ, ବାଲାପଙ୍କା ଆଦି ୪୫ ଗ୍ରାମର ବାସିନ୍ଦା ମୋବାଇଲ୍ ସେବାରୁ ବଞ୍ଚିତ ଅଛନ୍ତି। ଗ୍ରାମୀଣ ଗ୍ରାହକ ସେବା କେନ୍ଦ୍ର, ଗ୍ରାମୀଣ ବ୍ୟାଙ୍କ ସେବା ଓ ଗର୍ଭବତୀଙ୍କୁ ସୂଚନା ଦେବାକୁ ମହିଳା ଓ ଶିଶୁ ସମନ୍ୱୟ ବିଭାଗ ଦ୍ୱାରା ଜାରି ହୋଇଥିବା ଆପ୍ ମଧ୍ୟ କାମ କରୁନି। ଏବେ ହ୍ୱାଟ୍ସ ଆପ୍ ମାଧ୍ୟମରେ ପାଠପଢ଼ା କେମିତି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୋବାଇଲ୍ ସେବା ଉପଲବ୍ଧ ନଥିବାରୁ ୫ ପଞ୍ଚାୟତର ଲାଠିପଡ଼ା, ଗାଜଲବାଡ଼ି, ମେରିକୋଟ, ଗୌଡ଼ଗୋଠ ଶିକ୍ଷା କ୍ଲଷ୍ଟରର ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଶତାଧିକ ବିଦ୍ୟାର୍ଥୀ ଚଳିତ ବର୍ଷ ଖରାଛୁଟି ସମୟରେ ଆଭାସି ଶିକ୍ଷାଦାନରୁ ବଞ୍ଚିତ ରହିବେ। ଗତ ଫେବୃୟାରୀ ମାସରେ ବିଧାନସଭାରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଏହା ଉପରେ ପ୍ରଶ୍ନ କରିଥିଲେ। ଡ଼ିଜିଟାଲ୍ ଭାରତ ନିଧି ଯୋଜନାରେ ୪-ଜି ସାଚ୍ୟୁରେସନ୍ ପ୍ରକଳ୍ପ ମାଧ୍ୟମରେ ବିଏସ୍ଏନ୍ଏଲ୍ ଦ୍ୱାରା ସୋରଡ଼ା ବ୍ଲକ୍‌ର ଉପାନ୍ତ ଅଞ୍ଚଳରେ ୩୨ଟି ନୂତନ ଟାୱାର ସ୍ଥାପନ ନିମନ୍ତେ ଯୋଜନା ରହିଛି। ୨୦୨୬ ଜୁନ୍ ମାସ ସୁଦ୍ଧା ସେବା ଯୋଗାଇ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ। ହେଲେ ଅଧିକାଂଶ ଟାୱାର କାମ ଅଧାପନ୍ତରିଆ ଭାବେ ପଡ଼ିରହିଛି।

# କଟକରେ ବଢ଼ୁଛି ନିଖୋଜଙ୍କ ସଂଖ୍ୟା:ନିଖୋଜ ବ୍ୟକ୍ତିଙ୍କ ସୂଚନା ଦେଲେ ପାଇବେ ପୁରସ୍କାର





**କଟକ, ନ୍ୟୁଜ୍ ବ୍ୟୁରୋ**

କଟକରେ ନିଖୋଜ ମାମଲା ବଢ଼ୁଛି। ଗୋଟିଏ ସପ୍ତାହରେ ଦୁଇଟି ପୃଥକ୍ ପୃଥକ୍ ନିଖୋଜ ମାମଲା ଆସିଛି। କଟକ ୪୨ ମୌଜା ଥାନା ଏବଂ ମର୍କତନଗର ଥାନା ଦୁଇ ଜଣ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପ୍ରଦାନ କଲେ ପୁରସ୍କାର ରାଶି ମିଳିବ ବୋଲି ଘୋଷଣା କରିଛନ୍ତି। କଟକ ୪୨ ମୌଜା ଥାନା ଅନ୍ତର୍ଗତ ଅଂଶୁମାନ ପରିଡ଼ା ୪ ଦିନ ପୂର୍ବରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ପୋଲିସ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଅଂଶୁମାନ ସମ୍ପର୍କରେ କୌଣସି ସୂଚନା ଏଯାଏ ମିଳିନାହିଁ। ତାଙ୍କ ନିଖୋଜ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ନଥିବାରୁ ପରିବାର ଏବଂ ପୋଲିସ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ତେବେ ନିଖୋଜ ଅଂଶୁମାନ ସମ୍ପର୍କରେ ସୂଚନା ପ୍ରଦାନ କରିଲେ ୨୦,୦୦୦ ଟଙ୍କା ସୂଚନା ପ୍ରଦାନକାରୀଙ୍କୁ ପ୍ରଦାନ କରାଯିବ ବୋଲି ୪୨ ମୌଜା ପୋଲିସ ଏନେଇ ବିଜ୍ଞାପନ ଜାରି କରିଛନ୍ତି। ନିର୍ଦ୍ଦିଷ୍ଟ ନମ୍ବର୍ ଦୁଇଟିରେ ସୂଚନା ଦେବାକୁ କୁହାଯାଇଛି। ସୂଚନା ପ୍ରଦାନକାରୀଙ୍କ ସମସ୍ତ ତଥ୍ୟ ଗୋପୋନୀୟ ରଖାଯିବ ବୋଲି ୪୨ ମୌଜା ପୋଲିସ ନିଜ ବିଜ୍ଞାପନରେ ଏହା ଦର୍ଶାଇଛି। ସେହିପରି ଗତ ୨୧ ତାରିଖରେ ମର୍କତ ନଗର ଥାନା ଅଞ୍ଚଳର ଦେବୀ ପ୍ରସାଦ ସାହୁ (୨୩) ନିଖୋଜ ହୋଇଯାଇଛନ୍ତି। ଗତ ୧୦ ଦିନ ହେବ ତାଙ୍କର କୌଣସି ପତା ମିଳୁନଥିବା ବେଳେ ପୋଲିସ ତାଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ୨୫,୦୦୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଛନ୍ତି। ତେବେ ଅଳପ ଦିନରେ ଦୁଇଦୁଇଟି ଘଟଣାରେ ପୋଲିସ ନିଖୋଜ ବ୍ୟକ୍ତିଙ୍କୁ ଲାଗି ପୁରସ୍କାର ରାଶି ଘୋଷଣା କରିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏମାନେ କୁଆଡେ ଗଲେ ତାକୁ ନେଇ ତନାଘନା ଜାରି ରହିଛି।



# ବରଗଡ଼ ଜିଲ୍ଲାର ବିକାଶ କାର୍ଯ୍ୟ ସମୀକ୍ଷା କଲେ ନୋଡ଼ାଲ୍ ଅଧିକାରୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମାଇନିଂ କର୍ପୋରେସନ୍ ଏବଂ ଇସ୍ପାତ ଓ ଖଣି ବିଭାଗର ପରିଚାଳନା ନିର୍ଦ୍ଦେଶକ ତଥା ବରଗଡ଼ ଜିଲ୍ଲା ନୋଡାଲ ଅଧିକାରୀ ସୁଧାଂଶୁ ମୋହନ ସାମଲ ଦୁଇ ଦିନିଆ ବରଗଡ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ, କୃଷିକ୍ଷେତ୍ର, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଆଦି ପରିଭ୍ରମଣ କରିବା ସହ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଗସ୍ତର ପ୍ରଥମ ଦିନରେ ସେ ଗୋଡ଼ଭଗା ଜନତା ହାଇସ୍କୁଲ ଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅଧିନରେ ଚାଲିଥିବା ଏକ ପ୍ରକଳ୍ପର ପରିଦର୍ଶନ ସହ ଚକୁଳି ଓ ସାରଣ୍ଡା ଅଞ୍ଚଳ ପରିଭ୍ରମଣ କରି ଧନଞ୍ଜୟ ମହାପାତ୍ରଙ୍କ ମାଧ୍ୟମ ଇଣ୍ଟିଗ୍ରେଟେଡ୍ ଫାର୍ମିଂ ସିଷ୍ଟମ୍ ୟୁନିଟ୍ ପରିଦର୍ଶନ କରିବା ପରେ ଅତାବିରା ବ୍ଲକ୍ ଅନ୍ତର୍ଗତ ଭାଲୁପାଲି ଗ୍ରାମର ରଞ୍ଜନ କୁମାର ପ୍ରଧାନଙ୍କ ଗୋପାଳନ ୟୁନିଟ୍ ପରିଦର୍ଶନ କରିଥିଲେ। ଏହାପରେ ତୁରୁଙ୍ଗା ସ୍ଥିତ ଗଙ୍ଗାଧର ମେହେର ଉଠା ଜଳ ସେଚନ ପ୍ରକଳ୍ପ ଏବଂ ଭଟଲି ବ୍ଲକ ନୂଆପାଲି ଗ୍ରାମର ରସାନନ୍ଦ ସାହୁଙ୍କ ପାମ୍ ଓଏଲ୍ କୃଷି କ୍ଷେତ୍ର ପରିଦର୍ଶନ କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ଶ୍ରୀ ସାମଲ ଅମ୍ବାପାଲି ସର୍କିଟ୍ ହାଉସ୍ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ତଥା ସରକାରୀ ଯୋଜନାର କାର୍ଯ୍ୟନ୍ୱୟନ ତଥା ପଞ୍ଚାୟତିରାଜ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଜଳସେଚନ, ଟିପିଡ଼ବ୍ଲୁଡ଼ିଏଲ୍, ରାସ୍ତା ଏବଂ କୋଠାବାଡ଼ି ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ସମସ୍ୟା ଗୁଡିକୁ ପଚାରି ବୁଝିବା ପରେ ଜିଲ୍ଲାର ସମସ୍ତ ଅଙ୍ଗନବାଡି, ବିଦ୍ୟାଳୟ ଏବଂ ଆବାସିକ ବିଦ୍ୟାଳୟରେ ପିଲାଙ୍କୁ ସଠିକ୍ ଯତ୍ନ ସହ ମଧ୍ୟାହ୍ନ ଭୋଜନ ଖାଇବା ନିୟମାନୁଯାୟୀ ଦେବା ପାଇଁ ଆଦେଶ ଦେଇଥିଲେ।

# ସାମ୍ବାଦିକଙ୍କ ହକ୍ ପାଇଁ ଲଢ଼େଇ ହେଲା ଜୋର୍‌ଦାର୍

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକମାନଙ୍କ ମୌଳିକ ସମସ୍ୟା ଓ ସୁରକ୍ଷାକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଶାଣିତ ହୋଇଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ରାଜ୍ୟର ସର୍ବପୁରାତନ ସାମ୍ବାଦିକ ୟୁନିୟନ "ଉତ୍କଳ ସାମ୍ବାଦିକ ସଂଘ" ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲ୍ଲା ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ଶୋଭା ସହ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ଏବେବି ପ୍ରଶ୍ନଘେରରେ। ଏହି ପରିପ୍ରେକ୍ଷୀରେ ଉତ୍କଳ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ୬ ଦଫା ଦାବି ଉପସ୍ଥାପନା କରାଯାଇଥିଲା। ଦାବି ଗୁଡିକ ହେଲା ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନ୍‌ରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକମାନଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ। କ୍ରମାଗତ ଭାବେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ। ୬୦ ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକମାନଙ୍କ ପାଇଁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କାର ପେନ୍‌ସନ୍ ବ୍ୟବସ୍ଥା। ଓଡ଼ିଶା ପ୍ରେସ୍ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା। ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା-ପିତା ଏବଂ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ୍ ସହିତ ଅନୁକମ୍ପା ମୂଳକ ରାଶି ୧୦ ଲକ୍ଷକୁ ବୃଦ୍ଧି କରିବା। ସାମ୍ବାଦିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଖବର ସଂଗ୍ରହ କରୁଛନ୍ତି, କିନ୍ତୁ ସରକାର ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ପ୍ରତି ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବୋଲି ପ୍ରକାଶ କରିଛନ୍ତି ମୟୂରଭଞ୍ଜର ବରିଷ୍ଠ ସାମ୍ବାଦିକ ଗଣ। ଏହି ପ୍ରତିବାଦ ସଭାରେ ଜିଲ୍ଲାର ଶତାଧିକ ସାମ୍ବାଦିକ ସାମିଲ୍ ହୋଇ ନିଜର ଏକତା ପ୍ରଦର୍ଶନ କରିଛନ୍ତି। ଯଦି ଆଗାମୀ ଦିନରେ ଏହି ନ୍ୟାର୍ଯ୍ୟ ଦାବିଗୁଡ଼ିକ ପୂରଣ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋଣ ଅନୁକୋଣରୁ ଶତାଧିକ ସାମ୍ବାଦିକ ସାମିଲ୍ ହୋଇଥିଲେ।




# ସାଇଡ୍ ବାଡ଼ ଭାଙ୍ଗି ତଳକୁ ଖସିଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଦୁହୁରିଆ ସ୍ଥିତ ଓଭର୍ ବ୍ରିଜ୍‌ରେ ଗଲାବେଳେ ଟ୍ରକ୍ ସାଇଡ୍ ବାଡ ଭାଙ୍ଗି ତଳକୁ ଖସିଯାଇଥିବା ଜଣାପଡିଛି। ପାରାଦୀପ ଠାରୁ କୋଇଲା ନେଇ ଦ୍ରୁତଗତିରେ ଯାଉଥିବା ବେଳେ ଅନ୍ୟ ଏକ ଟ୍ରକ୍‌କୁ ଓଭରଟେକ୍ କଲାବେଳେ ଡ୍ରାଇଭର୍ ବାମ ପଟକୁ କାଟିଦେବା ଫଳରେ ସାଇଟ୍ ବାଡ ଭାଙ୍ଗି ତଳକୁ ଖସି ଟ୍ରକ୍ ଭାଙ୍ଗିଯାଇଛି। ଭାଗ୍ୟବଶତଃ ତଳ ରାସ୍ତାରେ କେହି ଯାତାୟାତ କରୁନଥିବାବେଳେ ଡ୍ରାଇଭର୍ ଜଣକ ବର୍ତ୍ତ ଯାଇଛନ୍ତି। ସଦରଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।



# ରାଷ୍ଟ୍ର ଗଠନରେ ଶ୍ରମିକମାନଙ୍କ ଅବଦାନକୁ ସମ୍ମାନ ପ୍ରଦାନ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସ୍ଥାନୀୟ ଶହୀଦ ଭବନ ଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ର ଗଠନ ଓ ନିର୍ମାଣ କ୍ଷେତ୍ରରେ ଶ୍ରମିକ ଭାଇଭଉଣୀ ମାନଙ୍କର ଅବଦାନକୁ ସମ୍ମାନ ଜଣାଇଥିଲେ। ଏଥିସହ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଓ ଶ୍ରମିକ ମାନଙ୍କ ବିହିତ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ। ଶ୍ରମିକ ଭାଇଭଉଣୀ ମାନଙ୍କର ସୁରକ୍ଷା ଏବଂ ଏଥି ସମ୍ବନ୍ଧୀୟ ସରକାରଙ୍କ ନିୟମାବଳୀ ସମ୍ପର୍କରେ ମଧ୍ୟ ସେ ଆଲୋଚନା କରିଥିଲେ। କଟକ ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କୁ ସବୁ କ୍ଷେତ୍ରରେ ଅଧିକ ସହାୟତା ରାଶି ପ୍ରଦାନ କରାଯାଇ ଆସୁଛି ବୋଲି ସୂଚନା ଦେବା ସହ ଅଧିକରୁ ଅଧିକ କିପରି କୁଶଳୀ ଶ୍ରମିକ ସୃଷ୍ଟି କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶା ଗଠନ ପ୍ରକ୍ରିୟାରେ ଶ୍ରମିକମାନେ ହେଉଛନ୍ତି ଆଧୁନିକ ଯୁଗର ବିଶ୍ୱକର୍ମା ବୋଲି ସେ ମତ ପ୍ରକାଶ କହିଥିଲେ। ଆୟୋଜିତ ଶ୍ରମିକ ଦିବସ ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ଯଥା ସ୍ୱାଭାବିକ ମୃତ୍ୟୁକାଳୀନ ସହାୟତା ରାଶି ୩ ଲକ୍ଷ ଟଙ୍କାରୁ ବୃଦ୍ଧି କରାଯାଇ ୪ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ ନିମନ୍ତେ ସହାୟତା ରାଶି ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ସମ୍ପର୍କରେ ଉପସ୍ଥିତ ଶ୍ରମିକ ଭାଇ ଭଉଣୀମାନଙ୍କୁ ଅବଗତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ୩୨୧୫ ଜଣ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା ଏବଂ ନୂତନ ଭାବେ ପଞ୍ଜିକୃତ ହୋଇଥିବା ୨୦୦ ଜଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। ମୃତ୍ୟୁ କାଳୀନ ସହାୟତା ରାଶି ୭ କୋଟି ୭୪ ଲକ୍ଷ, ଅନ୍ତେଷ୍ଟି କ୍ରିୟା ନିମନ୍ତେ ୧୩ ଲକ୍ଷ ୬୦ ହଜାର, ପ୍ରସୂତି କାଳୀନ ସହାୟତା ୯ ଲକ୍ଷ ୨୦ ହଜାର, ବିବାହ ନିମନ୍ତେ ୯ କୋଟି ୫୧ ଲକ୍ଷ, ଶିକ୍ଷାଗତ ସହାୟତା ୮୩ ଲକ୍ଷ ୯୭ ହଜାର ୪୦୦ ଟଙ୍କା ସମୁଦାୟ ୧୮କୋଟି ୩୧ ଲକ୍ଷ ୭୭ ହଜାର ୪୦୦ ଟଙ୍କାର ସହାୟତା ରାଶି ମୁଖ୍ୟ ଅତିଥି ବିଧାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଯୁଗ୍ମ ଶ୍ରମ ଆୟୁକ୍ତ କଳ୍ପନା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ବାର୍ଷିକ ବିବରଣୀ ପାଠ କରି ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡାଇ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ମୋନାଲିସା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରମିକ ଭାଇ ଭଉଣୀମାନେ ଉପସ୍ଥିତ ଥିଲେ।








# ସଂକଟରେ ବେଣାଚେର କାରିଗର:ଦୁର୍ବିସହ ସେମାନଙ୍କ ଜୀବନ ଜୀବିକା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଦଶନ୍ଧି ଦଶନ୍ଧି ଧରି ପାରମ୍ପରିକ ହସ୍ତଶିଳ୍ପକୁ ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବା ଏହି କାରିଗରଙ୍କୁ ମିଳୁନି ସରକାରୀ କୁଶଳି ଶ୍ରମିକ କିମ୍ବା ହସ୍ତଶିଳ୍ପ କାରିଗର ପରିଚୟ। ନା ଅଛି ବଜାର ବ୍ୟବସ୍ଥା। ନାଁ ମିଳୁଛି ସରକାରୀ ସୁବିଧା କିମ୍ବା ସରକାରୀ ସହାୟତା। ଆଧୁନିକ ଯୁଗରେ ବି ନଦୀ, ନାଳାରୁ ଅକ୍ଲାନ୍ତ ପରିଶ୍ରମ କରି ବେଣାଚେର କଞ୍ଚାମାଲ ସଂଗ୍ରହ କରି ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରି ବହୁ କଷ୍ଟରେ ସେମାନଙ୍କ ପରିବାର ପୋଷଣ କରୁଛନ୍ତି। ଗ୍ରୀଷ୍ମ ଋତୁରେ ଆସିଲେ ଏହି ହସ୍ତଶିଳ୍ପ କାରିଗରମାନେ ବେଣାଚେରରେ କୁଲର ଫ୍ରେମ୍, ଝରକା ପରଦା, ହାତ ପଙ୍ଖା, ପଟି ଭଳି ଭଳିକି ଭଳି ସାମଗ୍ରୀ ତିଆରି କରି ବଜାରରେ ବିକ୍ରି ଦୁଇ ପଇସା ରୋଜଗାର କରିଥାନ୍ତି। ୫୦ ବର୍ଷରୁ ଅଧିକ ସମୟ ଧରି ବରଗଡ଼ ସଦର ବ୍ଲକ ନୀଳେଶ୍ୱର ଗାଁର ବହୁ କାରିଗରମାନେ ବର୍ଷକୁ ଛଅ ମାସ ଧରି ଏହି ପାରମ୍ପରିକ ହସ୍ତଶିଳ୍ପ କାମ କରିଥାନ୍ତି। ବରଗଡ଼ରୁ ଏହି ହସ୍ତଶିଳ୍ପ ସାମଗ୍ରୀ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ବିକ୍ରି ପାଇଁ ପଠାଯାଉଛି। ଗୋଟିଏ ପରେ ଗୋଟିଏ ସରକାର ଆସିଛନ୍ତି। ଆଉ ସରକାର ବି ବଦଳିଛନ୍ତି। କିନ୍ତୁ ନୀଳେଶ୍ୱର ଗାଁର ଏହି ଅବହେଳିତ ଦୁର୍ବିସହ ଜୀବନ ବିତାଉଥିବା ବେଣାଚେର କାରିଗରଙ୍କ ପ୍ରତି ପ୍ରଶାସନ କିମ୍ବା ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ଆଉ ସରକାରୀ ପ୍ରୋତ୍ସାହନ ଅଭାବରୁ ଏବେ ଏହି ପାରମ୍ପରିକ ବ୍ୟବସାୟ ବୁଡ଼ିବାକୁ ବସିଲାଣି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩।୦୫।୨୦୨୬, ବୈଶାଖ ଦି୨୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୦୮।୩୬ ଚନ୍ଦ୍ରୋଦୟ- ରାଘ ୭।୫୫।୪୯**

ଦ୍ୱିତୀୟା ରାଘ ୩।୦୩ ପର୍ଯ୍ୟନ୍ତ। ବିଶାଖା ନକ୍ଷତ୍ର ପ୍ରାଘ ୭।୧୩ ପର୍ଯ୍ୟନ୍ତ। **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ବୋଇତାଳୁ ରାଘ ୩।୦୩ ଗତେ ପୋଟଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୨୫ ଗତେ ଦିଘ ୯।୩୬ ମଧ୍ୟେ ଦିଘ ୧।୨୦ ଗତେ ଦିଘ ୧।୫୩ ମଧ୍ୟେ।



**ମେଷ:** ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ। ଆୟର ପରିମାଣ ବଢ଼ିବ। ଦୂରଯାତ୍ରା କରି ସଫଳତା ପ୍ରାପ୍ତି ହେବ। ପାରିବାରିକ ଆନନ୍ଦ ଲାଭ କରିବେ। ଧନ କ୍ଷୟ ଯୋଗ। ମହିଳାମାନେ ସୁଖୀ ହେବେ।



**ବୃଷ:** ଦୂରଯାତ୍ରା କରି ଆନନ୍ଦ ଅନୁଭବ କରିବେ। ବନ୍ଧୁ ସହଯୋଗ ମିଳିବ। ନୂତନ ସ୍ଥାନକୁ ଭ୍ରମଣରେ ଯାଇପାରନ୍ତି। ରୋଜଗାର ମଧ୍ୟମ ହେବ। ପାରିବାରିକ କଳହ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ।



**ମିଥୁନ:** ମନରେ ଅହଂଭାବ ଆସିବ। ସହକର୍ମୀ ମାନଙ୍କ ସହିତ ମତାନ୍ତର ସୃଷ୍ଟି ହେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ମନରେ ବିରକ୍ତି ଆସିବ। ପରିବାରରେ ସୁଖ ଶାନ୍ତି ବଜାୟ ରହିବ। ଶୁଭ ଖବର ମିଳିବ।



**କର୍କଟ:** ସଂଯମତା ରକ୍ଷା କରିବା ଉଚିତ୍। କର୍ମକ୍ଷେତ୍ରରେ ବହୁ ଶ୍ରମର ସୂଚନା। ସମ୍ମାନ ଉପରେ ଆଞ୍ଚ ଆସିପାରେ। ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ସମସ୍ତ ଆଡକୁ ନଜର ରଖି କାର୍ଯ୍ୟ କରିବେ। ଆୟ ପୂର୍ବପରି ରହିବ।



**ସିଂହ:** ବହୁତ ପରିଶ୍ରମ କରିବାକୁ ପଡିବ। ମନରେ ଅଶାନ୍ତି ଲାଗିବ। କର୍ମକ୍ଳାନ୍ତି ଅନୁଭବ କରିବେ। ଆୟରେ ବାଧା ଉପୁଜିବ। କର୍ମହାନୀ ଯୋଗ। ଘରେ ଆନନ୍ଦ ଲାଭ କରିବେ। ଶରୀର ସୁସ୍ଥ ରହିବ। ମନ ଭଲ ରହିବ।



**କନ୍ୟା:** ନୀତିନିଷ୍ଠ ଯୋଗୁଁ ଅନ୍ୟର ସମାଲୋଚିତ ହେବେ। ତଥାପି କର୍ତ୍ତବ୍ୟରେ ଅବିଚଳିତ ରହିବେ। ଆୟରେ ସ୍ଥିରତା ଆସିବ। ମନରେ ଆନନ୍ଦ ଲାଗି ରହିବ। ଘରେ ସୁଖ ଶାନ୍ତି ଲାଭ କରିବେ। ଦେବ ଦର୍ଶନର ସୁଯୋଗ।



**ତୁଳା:** ଆଶା ରଖି କାର୍ଯ୍ୟ କଲେ ଭଲ ହେବ। ମନରେ ଶତ ସିଂହର ବଳ ଜାଗ୍ରତ ହେବ। ପ୍ରତୀକ୍ଷାରେ ସମୟ ବିତିପାରେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ କଳହର ସୂଚନା। ମନ ଅସ୍ଥିର ରହିବ।



**ବିଛା:** ମନରେ ଶାନ୍ତି ଆସିବ। ନୂତନ କାର୍ଯ୍ୟକ୍ରମରେ ମନ ବଳାଇବେ। ଆୟରେ ଉନ୍ନତି ଆସିବ। ନୂତନ ଦ୍ରବ୍ୟ ପ୍ରାପ୍ତି ଯୋଗ। ପାରିବାରିକ ଆଶଙ୍କା ମଧ୍ୟ ରହିଛି। ଉତ୍ତମ ଭୋଜନରେ ଆପାୟିତ ହେବେ। ନୂଆ ବନ୍ଧୁ ଜୁଟିବେ।



**ଧନୁ:** ଅତୀତ କର୍ମ ପାଇଁ ମନରେ ଅଶାନ୍ତି ଆସିପାରେ। କୌଣସି ସମୟରେ ମନସ୍ତାପ କରିପାରନ୍ତି। ଆୟରେ ବାଧା ଆସିବ। ଘରେ ସହଯୋଗ ପାଇବେ। ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।



**ମକର:** ପରୋପକାର କରି ପ୍ରଶଂସା ଲାଭ କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିଲେ ବି ନୂତନ ଦ୍ରବ୍ୟ କ୍ରୟ କରିବେ। ବନ୍ଧୁ ସହଯୋଗ ମିଳିବ। ପରିବାରରେ ଅଶାନ୍ତି ଦେଖାଦେବ। ଶରୀର ସୁସ୍ଥ ରହିବ।



**କୁମ୍ଭ:** ସାହାଯ୍ୟ ସହଯୋଗ ଲାଭ କରି ଆଗେଇ ଚାଲିବେ। କର୍ମକ୍ଷେତ୍ରରେ ସାଫଲ୍ୟତା ଯୋଗ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ବ୍ୟୟ ଯୋଗ। ଶୁଭ ଖବର ପ୍ରାପ୍ତି ହେବ। ସତ୍ କର୍ମରେ ଲିପ୍ତ ରହିବେ।



**ମୀନ:** ସାମାଜିକ କାର୍ଯ୍ୟ ବା ସାମୂହିକ ଆଧ୍ୟାତ୍ମିକ ପରିବେଶରେ ସମୟ ବିତିବ। ସତ୍‌ସଙ୍ଗ ଲାଭ କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଦେହ ଓ ମନରେ ଶାନ୍ତି ଲାଭ ହେବ। ମୂଲ୍ୟବାନ ଦ୍ରବ୍ୟ ଲାଭ।



# ଗୃହ ଗଣନା କାର୍ଯ୍ୟର କ୍ଷେତ୍ର ନିରୀକ୍ଷଣ କଲେ ଅତିରିକ୍ତ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ପୌରପରିଷଦର ବିଭିନ୍ନ ଏଚ୍ଏଲ୍‌ବି ୨୨, ୨୩, ୦୦୨୬ ୱାର୍ଡ କୋଡ୍ ନମ୍ବର ୦୦୦୮ ଯଥା ସୋନପୁର ମଝିପଡ଼ା ରଥଖଲା ଅଞ୍ଚଳ, କୁମ୍ଭାରପଡ଼ା, ଢେରାପଡାକୁ ଗ୍ରସ୍ତ କରି ଗୃହ ଗଣନା କାର୍ଯ୍ୟର ନିରୀକ୍ଷଣ କରି ଏନୁମେରେଟର ଓ ସୁପର ଭାଇଜରଙ୍କ ସହ ଗୃହ ମାଲିକ, ପରିବାରର ମୁଖ୍ୟଙ୍କ ସହ ଗୃହ ଗଣନା ବିଷୟରେ ଆଲୋଚନା କରି ଗୃହ ଗଣନା କାର୍ଯ୍ୟ ରାଷ୍ଟ୍ର ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ଉପରେ ବୁଝାଇଥିଲେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ଓ ନିଜେ ବିଭିନ୍ନ ପ୍ରଶ୍ନ କରି ଗୃହ ଗଣନା ଅଧିକାରୀ ମାନଙ୍କୁ ଏ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ। ଏନୁମେରେଟର ମାଳତି ଦାଶ, ନିୟତି ପଟ୍ଟନାୟକ, ମଧୁସ୍ମିତା ମିଶ୍ର, ସୁପର ଭାଇଜର ଜୟନ୍ତି କୁମାରୀ ମେହେର, ଅନୁଲିତା ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୦୫।୨୦୨୬, ବୈଶାଖ ଦି୨୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୧୯।୦୩ ଚନ୍ଦ୍ରୋଦୟ- ରାଘ ୮।୩୯।୨୧**

ତୃତୀୟା ଅହୋରାତ୍ର। ଅନୁରାଧା ନକ୍ଷତ୍ର ଦିଘ ୯।୫୯ ପର୍ଯ୍ୟନ୍ତ। **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୨୦ ଗତେ ଦିଘ ୬।୫୬ ମଧ୍ୟେ ଦିଘ ୧୦।୨୮ ଗତେ ଦିଘ ୧୧।୦୩ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଏମର୍ଜେନ୍ସି ଆଲର୍ଟ

ଆପଣଙ୍କ ମୋବାଇଲ୍ ହଠାତ୍ ଭାଇବ୍ରେସନ୍ ହେଲାକି ? ସ୍କ୍ରିନ୍‌ରେ ମେସେଜ୍ ଫ୍ଲାସ୍ ହେଲାକି ? ଯଦି ଆପଣଙ୍କ ମୋବାଇଲ୍ ଭାଇବ୍ରେସନ୍ ହୋଇଛି ତାହେଲେ ବିଚଳିତ ହୁଅନ୍ତୁ ନାହିଁ କି ଭୟଭୀତ ହୁଅନ୍ତୁ ନାହିଁ। ଏହା ସରକାରଙ୍କର ଏକ ଏମରଜେନ୍ସି ଆଲର୍ଟ । ପରୀକ୍ଷା ମୂଳକ ଭାବେ ମୋବାଇଲ୍‌କୁ ଏହି ଏମର୍ଜେନ୍ସି ଆଲର୍ଟ ପଠାଯାଉଛି। ଏଭଳି ମେସେଜକୁ ଅଣଦେଖା କରିବାକୁ ଏବଂ ଆତଙ୍କିତ ନହେବାକୁ ଟେଲିକମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ଜରୁରୀକାଳୀନ ସ୍ଥିତିରେ ଏଭଳି ମେସେଜ୍ ଆସିବ। ଏହା କେବଳ ଏକ ଟେଷ୍ଟିଂ ଥିଲା। ଗୃହ ମନ୍ତ୍ରାଳୟର ଦୂର ସଞ୍ଚାର ବିଭାଗ ପକ୍ଷରୁ ଏହି ମେସେଜ୍ ସମସ୍ତଙ୍କୁ ପଠାଯାଇଛି। ଏହା ସମସ୍ତଙ୍କ ମୋବାଇଲକୁ ଆସିଛି। ଆଗକୁ ଏଭଳି ମେସେଜ୍ ସାହାଯ୍ୟରେ ଭାରତ ସରକାର ନାଗରିକଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ଏହି ମେସେଜରେ ଲେଖାଯାଇଛି ଯେ, ଭାରତ ଏହାର ନାଗରିକମାନଙ୍କୁ ତ୍ୱରିତ ବିପର୍ଯ୍ୟୟ ସତର୍କତା ସେବା ପ୍ରଦାନ କରିବା ପାଇଁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସେଲ ବ୍ରଡକାଷ୍ଟ ଆରମ୍ଭ କରିଛି। ସଚେତନ ନାଗରିକ, ସୁରକ୍ଷିତ ଦେଶ। ଏହି ବାର୍ତ୍ତା ପାଇବା ପରେ ଜନସାଧାରଣଙ୍କ ଠାରୁ କୌଣସି କାର୍ଯ୍ୟାନୁଷ୍ଠାନର ଆବଶ୍ୟକ ନାହିଁ। ଏହା ଏକ ପରୀକ୍ଷାମୂଳକ ବାର୍ତ୍ତା। NDMA ଟେଲିକମ୍ୟୁନିକେସନ୍ ବିଭାଗର ଏକ ପ୍ରମୁଖ ଗବେଷଣା ଏବଂ ବିକାଶ କେନ୍ଦ୍ର, ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଟେଲିମାଟିକ୍ସ (C-DOT) ଦ୍ୱାରା ବିକଶିତ ସମନ୍ୱିତ ଆଲର୍ଟ ସିଷ୍ଟମ (SACHET)କୁ ସଫଳତାର ସହ ଆକ୍ଟିଭେଟ୍ କରାଯାଇଛି। ଏହି ଆଲର୍ଟ ସିଷ୍ଟମ ଜରିଆରେ ଲୋକମାନଙ୍କ ନିକଟରେ ପ୍ରାକୃତିକ ବିପର୍ଯ୍ୟୟ, ପାଣିପାଗ ସମ୍ପର୍କିତ ଖବର, ବନ୍ୟା ବାତ୍ୟା ଭଳି ଘଟଣାର ବାର୍ତ୍ତା ପହଞ୍ଚିବ। ୧୯ରୁ ଅଧିକ ଭାରତୀୟ ଭାଷାରେ ୧୩୪ ବିଲିୟନରୁ ଅଧିକ ମେସେଜ ଆଲର୍ଟ ପଠାଯାଇପାରିବ। ଇସ୍ରାଏଲ ତାର ନାଗରିକଙ୍କୁ ମିସାଇଲ୍, ଡ୍ରୋନ୍ କିମ୍ବା ରକେଟ୍ ଆଟାକ୍‌ରୁ ସୁରକ୍ଷିତ ରହିବା ପାଇଁ ଏହି ଟେକ୍ନୋଲୋଜି ଜରିଆରେ ମେସେଜ୍ ପଠାଉଛି। ଏହାଦ୍ୱାରା ସମ୍ଭାବ୍ୟ ବିପଦରୁ ବର୍ତ୍ତିବା ପାଇଁ ଲୋକେ ଆଗୁଆ ସୁରକ୍ଷିତ ସ୍ଥାନକୁ ଚାଲି ଯାଉଛନ୍ତି। ତେବେ ମୋବାଇଲ୍ ୟୁଜର ଚାହିଁଲେ ଏହାକୁ ଅନ୍ କିମ୍ବା ଅଫ୍ କରିପାରିବେ। ଏଥିପାଇଁ ମୋବାଇଲର ସେଟିଂକୁ ଯିବାକୁ ପଡ଼ିବ। ସେଫ୍ଟି ଆଣ୍ଡ ଏମରେର୍ଜେନ୍ସି ଏହାପରେ ଭାଇରାଲ୍ ମେସେଜ୍ ଆଲର୍ଟ ଏବଂ ପରେ ଟେଷ୍ଟ ଆଲର୍ଟ ମାଧ୍ୟମରେ ଏହାକୁ ଅନ୍ କିମ୍ବା ଅଫ୍ କରିପାରିବେ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---------------



### ବିଷପାନ

ପ୍ରଳୟର ଝଲକରେ -ପତଙ୍ଗ
ଦଣ୍ଡାୟମାନ

ସାପ ବେଙ୍ଗ ଧରିଲାଣି
ତଥାପି ବେଙ୍ଗ ତା'ର କ୍ଷୁଧାକୁ
ଭୁଲି ପାରୁନାହିଁ
ଝାମ୍ପ ଦେଉଛି।
କାଳ ପଛେ ପଛେ
ମହାକାଳ ହସୁଛି
ସତ୍ୟକୁ ଧୈର୍ଯ୍ୟ ଦେଇ
ଅସତ୍ୟକୁ ଡାକୁଛି
ପୁଣ୍ୟକୁ ଲୁଚାଇ ଦେଇ
ପାପକୁ ଆହ୍ୱାନ କରୁଛି ।
ଅମୃତକୁ ସାଇତି ରଖି
ବିଷକୁ ପାନ କରୁଛି ।
ମାୟାକୁ ଆଗରେ ଥୋଇ
ମାଆକୁ ଯନ୍ତ୍ରଣା ଦେଉଛି ।
ମନକୁ ଚଞ୍ଚଳ କରି
ଜ୍ଞାନକୁ ପରୀକ୍ଷା କରୁଛି ।
ଏଇ ଆଖି ସର୍ବ ସାକ୍ଷୀ
ସବୁ ଦେଖି ଦେଇ
ପୁନଶ୍ଚ ଆଖି -ବୁଜି ଦେଇଛି ।
ଏଇ ଆଖି ପ୍ରଳୟ କରୁଛି
ଏଇ ଆଖି ପୁନଶ୍ଚ ସୃଷ୍ଟି କରୁଛି
କିନ୍ତୁ ଧରା ପଡୁନାହିଁ
ଆଗରେ ଦେଖାଇ
ମହାକାଳ ପରି
ପଛରେ ପଛରେ ହସୁଛି ।
◆◆

# ଜନ ଗଣ ସ୍ୱାସ୍ଥ୍ୟ-୧୬ ଟୀକାକରଣ : ସବୁ ପିଢ଼ି ପାଇଁ, ସବୁ ବର୍ଗ ପାଇଁ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ଶତାବ୍ଦୀ ଧରି, ମଣିଷ ପରସ୍ପରକୁ ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ଉପାୟ ଖୋଜି ଆସୁଛନ୍ତି। ପରୀକ୍ଷଣ ଏବଂ ସୁଯୋଗ ନେବାଠାରୁ ଆରମ୍ଭ କରି ଏକ ଅଭୂତପୂର୍ବ ମହାମାରୀ ମଧ୍ୟରେ ବିଶ୍ୱ ଟୀକା ପ୍ରଚଳନ ପର୍ଯ୍ୟନ୍ତ, ଟୀକାକରଣର ଏକ ଲମ୍ବା ଇତିହାସ ରହିଛି। ଅତି କମରେ ୧୫ଶ ଶତାବ୍ଦୀରୁ, ବିଶ୍ୱର ବିଭିନ୍ନ ସ୍ଥାନରେ ଲୋକମାନେ ଜାଣିଶୁଣି ସୁସ୍ଥ ଲୋକଙ୍କୁ ବସନ୍ତ (smallpox) ରୋଗରେ ପକାଇ ରୋଗକୁ ରୋକିବା ପାଇଁ ଚେଷ୍ଟା କରିଛନ୍ତି - ଏହି ଅଭ୍ୟାସକୁ ଭାରିଓଲେସନ୍ କୁହାଯାଏ। କିନ୍ତୁ ପ୍ରଥମ ପ୍ରକୃତ ଟିକା ୧୭୯୬ ମସିହାରେ ଏଡୱାର୍ଡ ଜେନର ଦ୍ୱାରା ବସନ୍ତ ରୋଗ ବିରୁଦ୍ଧରେ ସୁରକ୍ଷା ପାଇଁ ଗାଈ ଉପରେ ପରୀକ୍ଷଣ କରିକି ଏହାର ପ୍ରତିରୋଧକୁ ବ୍ୟବହାର କରି ସୃଷ୍ଟି କରାଯାଇଥିଲା। ୧୮୦୦ ଦଶକର ଶେଷ ଭାଗରେ ଲୁଇସ୍ ପାଷ୍ଟରଙ୍କ ଏହି ଟୀକାକରଣ ପଦ୍ଧତିକୁ ଅଧିକ ଉନ୍ନତ କରି, ଜଳାତଙ୍କ ଏବଂ ଆନ୍ଥ୍ରାକ୍ସ ଭଳି ରୋଗ ପାଇଁ ଟିକା ବିକଶିତ କରିଥିଲେ, ଏବଂ ସେବେଠାରୁ ଆଜି ପର୍ଯ୍ୟନ୍ତ ଟୀକାକରଣର ଏହି ଯାତ୍ରା ମାନବ ସମାଜକୁ ସୁରକ୍ଷା ଦେବାରେ ଆଧୁନିକ ବିଜ୍ଞାନର ସବୁଠାରୁ ସଫଳ ଆବିଷ୍କାର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଟୀକା ଗବେଷଣା ଚ୍ୟାଲେଞ୍ଜିଂ ନୈତିକ ପ୍ରଶ୍ନ ଉଠାଇପାରେ, ଏବଂ ଅତୀତରେ ଟୀକା ବିକାଶ ପାଇଁ କରାଯାଇଥିବା କିଛି ପରୀକ୍ଷଣ ଆଜି ନୈତିକ ଭାବରେ ଗ୍ରହଣୀୟ ହେବ ନାହିଁ ମାତ୍ର ଏ ସବୁ ବାଦେ ଇତିହାସରେ ଅନ୍ୟ ଯେକୌଣସି ଚିକିତ୍ସା ଉଦ୍ଭାବନ ଅପେକ୍ଷା ଟୀକା ଅଧିକ ମାନବ ଜୀବନ ବଞ୍ଚାଇଛି, ଏହା ଏକ ନିରାଟ ସତ୍ୟ। ୧୯୦୦ ଦଶକରେ ଏହି ଗବେଷଣାର ଦ୍ରୁତ ଉନ୍ନତି ଘଟିଥିଲା, ଯେଉଁଥିରେ BCG (ଯକ୍ଷ୍ମା), ଡିପଥେରିଆ, ଟିଟାନସ୍, ପର୍ଟୁସିସ୍, ପୋଲିଓ (ସାଲ୍କ ଏବଂ ସାବିନ୍), ଏବଂ ମିଳିମିଳା ପାଇଁ ଟିକା ବିକାଶ ଅନ୍ତର୍ଭୁକ୍ତ। ୧୯୭୭ ସୁଦ୍ଧା ବିଶ୍ୱବ୍ୟାପୀ ବସନ୍ତ ରୋଗ( small pox ) ନିରାକରଣ ହାସଲ କରାଯାଇଥିଲା ଯାହା କି ମାନବ ସଭ୍ୟତାର ଇତିହାସର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ୧୬୦ ଦଶକରେ mRNA ପ୍ରଯୁକ୍ତିବିଦ୍ୟା ଆବିଷ୍କୃତ ହୋଇଥିଲେ ମଧ୍ୟ, ଏହାକୁ COVID-୧୯ ପାଇଁ ଦ୍ରୁତ-ପ୍ରତିକ୍ରିୟା ଟୀକା ତିଆରି କରିବାରେ ସଫଳତାର ସହ ପ୍ରୟୋଗ କରାଯାଇଥିଲା, ଯାହା ଉପରେ ଗବେଷଣା ଦଶନ୍ଧି ପୂର୍ବରୁ ଆରମ୍ଭ ହୋଇଥିଲା।

ପ୍ରତିବର୍ଷ ଏପ୍ରିଲ ଶେଷ ସପ୍ତାହକୁ ବିଶ୍ୱ ଟୀକାକରଣ ସପ୍ତାହ ଭାବେ ପାଳନ କରାଯାଏ କାରଣ ଟୀକାକରଣ ଠାରୁ ଅଧିକ ସୁରକ୍ଷିତ କୌଣସି ଚିକିତ୍ସା ଆଧୁନିକ ବିଜ୍ଞାନ ପାଖରେ ନଥିଲେ ମଧ୍ୟ ଏହା ସହ ସଂଶ୍ଳିଷ୍ଟ ଅନେକ ଭ୍ରାନ୍ତି ଧାରଣ ଯୋଗୁଁ ଏହାର ସାମାଜିକ ଗ୍ରହଣୀୟତା ଆଜିବି ଉଦାସୀନ। ତେଣୁ ସମାଜରେ ଥିବା ଟୀକାକରଣକୁ ନେଇ ମିଥ୍ୟା ତଥ୍ୟକୁ ଦୂର କରିବା ସହ ଏହାର ଉପକାରିତା ଉପରେ ଲୋକଙ୍କୁ ଶିକ୍ଷିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ। ଚଳିତ ବର୍ଷ ଏହି ସପ୍ତାହର ବାର୍ତ୍ତା ହେଲା "ପ୍ରତ୍ୟେକ ପିଢ଼ି ପାଇଁ, ଟିକା କାମ କରେ'। WHO ନେତୃତ୍ୱରେ, ଏହି ଅଭିଯାନଟି ଉଲ୍ଲେଖ କରେ ଯେ ଟିକାକରଣ ଗତ ୫୦ ବର୍ଷ ମଧ୍ୟରେ ୧୫୦ ନିୟୁତରୁ ଅଧିକ ଜୀବନ ବଞ୍ଚାଇଛି, ରୋଗ ବିରୁଦ୍ଧରେ ଜୀବନବ୍ୟାପୀ ସୁରକ୍ଷାକୁ ପ୍ରୋତ୍ସାହିତ କରିଛି। ଏହି ପଦକ୍ଷେପ ଟିକା ପ୍ରତି ବିଶ୍ୱାସ ଗଠନ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଏ। 'ପ୍ରତ୍ୟେକ ପିଢ଼ି ପାଇଁ, ଟିକା କାମ କରେ' ଏହା ଉପରେ ଆଲୋକପାତ କରେ ଯେ କିପରି ଟିକା ପିଢ଼ି ପରେ ପିଢ଼ି ପରିବାର ଏବଂ ସମ୍ପ୍ରଦାୟକୁ ସୁରକ୍ଷା ଦିଏ। ତେଣୁ ଏହି ଅଭିଯାନ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ଟୀକା ପ୍ରତି ଏକ ସକାରାତ୍ମକତା ଆଣିବାକୁ ଚେଷ୍ଟା କରାହେଉଛି। ଏହି ଆଲୋଚନାରେ ଆମେ ସଂକ୍ଷେପରେ ପ୍ରତ୍ୟକ ପିଢ଼ି ଓ ପ୍ରତ୍ୟକ ବର୍ଗ ଲାଗି ଭ୍ୟାକସିନର ଉପାଦେୟତା ଉପରେ ଆଲୋଚନା କରିବା

ଟୀକାକରଣ ଏକ ପ୍ରମାଣିତ ଏବଂ ସବୁଠାରୁ କମ ଖର୍ଚ୍ଚରେ ଶିଶୁ ବଞ୍ଚିବା ପାଇଁ ପଦକ୍ଷେପ। ବିଶ୍ୱର ସମସ୍ତ ଦେଶରେ ଲକ୍ଷ୍ୟଭୁକ୍ତ ହିତାଧିକାରୀଙ୍କ ନିକଟରେ ଚୟନିତ ଟୀକାକରଣ ପହଞ୍ଚାଇବା ପାଇଁ ଏକ ଟୀକାକରଣ କାର୍ଯ୍ୟକ୍ରମ ରହିଛି, ବିଶେଷକରି ଗର୍ଭବତୀ ମହିଳା, ଶିଶୁ ଏବଂ ପିଲାମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରି, ଯେଉଁମାନେ ଟୀକା ଦ୍ୱାରା ପ୍ରତିରୋଧଯୋଗ୍ୟ ରୋଗର ଉଚ୍ଚ ବିପଦରେ ଅଛନ୍ତି। ଅତି କମରେ ୨୭ଟି କାରକ ଅଛି ଯାହା ବିରୁଦ୍ଧରେ ଟୀକା ଉପଲବ୍ଧ ଏବଂ ଟୀକା ବିକାଶ ପାଇଁ ଆହୁରି ଅନେକ କାରକ ଲକ୍ଷ୍ୟ ରଖାଯାଇଛି। ଆଜି ରାଷ୍ଟ୍ରୀୟ ଟୀକା କାର୍ଯ୍ୟକ୍ରମରେ ନବଜାତ ଶିଶୁ ମାନଙ୍କୁ ଯେଉଁ ସବୁ ରୋଗ ବିରୁଦ୍ଧର ଟୀକା ଦିଆ ହେଉଛି ତାହା ଦୀର୍ଘ କାଳର ଯୋଜନାବଦ୍ଧ ପରୀକ୍ଷା, ପ୍ରଚେଷ୍ଟା ଓ ପ୍ରତିକ୍ଷାର ଫଳ। ଶିଶୁମାନଙ୍କ କ୍ଷେତ୍ରରେ ଟୀକାକରଣର ସଫଳତାକୁ ଦେଖି ପ୍ରଥମେ ଗର୍ଭବତୀ ମହିଳା, ପରେ ପ୍ରୌଢ଼ ମାନଙ୍କ ପାଇଁ ବି ଟୀକା ଉପଲବ୍ଧ ହେବାକୁ ଲାଗିଲା। ମାତୃ ଗର୍ଭରୁ ଧନୁଷ୍ଟଙ୍କାର ରୋଗ (tetanus) କୁ ପ୍ରତିରୋଧ କରି ଆଜି ନବଜାତ ଶିଶୁମାନଙ୍କ ମଧ୍ୟରେ ଏହି ରୋଗ ପ୍ରାୟ ବିଲୁପ୍ତ । ଦିନ ଥିଲା ଏହି ରୋଗ ଯୋଗୁଁ ପ୍ରାୟ ନବଜାତ ଶିଶୁ ମୃତ୍ୟୁର ୨% ଏହି ରୋଗ ଯୋଗୁଁ ହେଉଥିଲା ମାତ୍ର ଟୀକାକରଣ ଯୋଗୁଁ ଏହା ଏବେ ୦.୩% କୁ ହ୍ରାସ ପାଇ ସାରିଲାଣି। ସେହି ପରି ଭାବେ ମହିଳା ମାନଙ୍କ କ୍ଷେତ୍ରରେ ଦେଖା ଦେଉଥିବା ସବୁଠାରୁ ଅଧିକ ଜରାୟୁ କର୍କଟ ରୋଗ ( cervical cancer) ଟୀକାକରଣ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ପ୍ରତିରୋଧ କର ଯାଇ ପାରେ। ଏହି ଟୀକା ବର୍ତ୍ତମାନ ଅଧିକରୁ ଅଧିକ ଲୋକଙ୍କୁ ଦେବା ପାଇଁ ସରକାର ଅନେକ ଯୋଜନା ଆରମ୍ଭ କରୁଛନ୍ତି। ଥଣ୍ଡା ଯୋଗୁଁ ଛାତିରେ ପାଣି ଜମିକି ନିମୋନିଆ ଦ୍ୱାରା ଅଧିକାଂଶ ବୟସ୍କ ବ୍ୟକ୍ତିମାନେ ବହୁ ବାର ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି। ନିମୋନିଆ ଜନିତ ମୃତ୍ୟୁର ହାର ମଧ୍ୟ ବେଶ ଅଧିକ। ମାତ୍ର ଗବେଷଣାରୁ ଜଣା ପଡିଛି ଯେ ନିୟମିତ ଫ୍ଲୁ ଓ ନିମୋନିଆ ଟୀକା ନେବା ଦ୍ୱାରା ଏହି ରୋଗର ଭୟାବହତା ହ୍ରାସ ପାଇବା ସହ ବୃଦ୍ଧାବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହେବାର ଆବଶ୍ୟକତା ମଧ୍ୟ ହ୍ରାସ ପାଇଥାଏ। ନିକଟ ଅତୀତରେ ବହୁ ଗବେଷଣାରୁ ଏହା ପ୍ରମାଣିତ ହେଉଛି ଯେ ଯେଉଁମାନେ ପୂର୍ବରୁ ନିମୋନିଆ ଓ ଫ୍ଲୁ ଟୀକା ନେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଯେଉଁମାନେ କୋଭିଡ ଟୀକା ନେଲେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅନ୍ୟ ମାନଙ୍କଠୁ ଯଥେଷ୍ଟ ଭଲ ରହିଲା, ଏମିତିକି ବୟସ୍କ ମାନଙ୍କ ହସ୍ପିଟାଲରେ ଭର୍ତ୍ତି ଓ ରହଣି ଉଭୟ ହ୍ରାସ ପାଇଥିଲା।

ଆଜି ପ୍ରାୟ ୨୦-୩୦ ପ୍ରକାରର ସଂକ୍ରାମକ ରୋଗ ପାଇଁ ଟୀକା ଉପଲବ୍ଧ ଅଛି, ଏବଂ ଏହା କେବଳ ଶିଶୁ ବା ବୃଦ୍ଧଙ୍କ ପାଇଁ ସୀମିତ ନୁହଁ, ବରଂ ପ୍ରାପ୍ତ ବୟସ୍କ ଯୁବକ ଯୁବତୀ, ଦୀର୍ଘ ରୋଗ ଯଥା ମଧୁମେହ, କିଡ଼ନୀ, ଲିଭର ଆଦି ରୋଗରେ ପୀଡିତ ବ୍ୟକ୍ତି ମାନଙ୍କ ପାଇଁ ମଧ୍ୟ ଉପଲବ୍ଧ। AIDS ଓ ଡେଙ୍ଗୁ ମ୍ୟାଲେରିଆ ଭଳି ଭୟଙ୍କ ରୋଗ ଲାଗି ଟୀକା ଏବେ ପାଶ୍ଚାତ୍ୟ ଦେଶରେ ମିଳିବା ଆରମ୍ଭ ହେଲାଣି, ଭାରତରେ ମଧ୍ୟ ଏହି ଟୀକା ସବୁ ଖୁବ ଶୀଘ୍ର ଉପଲବ୍ଧ ହେବାକୁ ଯାଉଛି। ଏହା ବ୍ୟତୀତ ଆହୁରି ଅନେକ ଭ୍ୟାକସିନ ପ୍ରସ୍ତୁତି ସ୍ତରରେ ଅଛି। ଟୀକାକରଣ ଅନୁଭବମୂଳକ ପଦ୍ଧତିରୁ ଉଚ୍ଚ ବୈଜ୍ଞାନିକ ପଦ୍ଧତିକୁ ପରିବର୍ତ୍ତନ ହୋଇଛି, ଯାହା ସଂକ୍ରାମକ ରୋଗ ମୃତ୍ୟୁହାର ହ୍ରାସ କରି ମାନବ ଜୀବନକାଳକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ଟିକା ଦ୍ୱାରା ବ୍ୟକ୍ତିଗତ ସ୍ତରରେ ଲକ୍ଷ୍ୟ କରାଯାଇଥିବା ରୋଗଜୀବାଣୁଙ୍କ ସଂସ୍ପର୍ଶରେ ଆସିଲେ ବ୍ୟକ୍ତିର ଦ୍ୱିତୀୟ ପ୍ରତିରକ୍ଷା ପ୍ରତିକ୍ରିୟା ସୃଷ୍ଟି କରିବାରେ ସକ୍ଷମ କୋଷଗୁଡ଼ିକର (memory B Cell)ବିକାଶ ହେବା ସହିତ, ଜନସଂଖ୍ୟା ସ୍ତରରେ ମଧ୍ୟ ଟୀକାକରଣ ଲାଭଦାୟକ। ଯେତେବେଳେ ଜନସଂଖ୍ୟାର ପର୍ଯ୍ୟାପ୍ତ ସଂଖ୍ୟକ ବ୍ୟକ୍ତି ରୋଗ ପ୍ରତି ପ୍ରତିରକ୍ଷାନିଅନ୍ତି , (ଯେପରି ଜନସଂଖ୍ୟାର ଏକ ବଡ଼ ଅଂଶକୁ ଟିକାକରଣ କରାଗଲେ ଘଟେ) ସେତେବେଳେ ଗୋଷ୍ଠୀ ପ୍ରତିରକ୍ଷା(herd immunity ) ହାସଲ ହୁଏ। ଏହାର ଅର୍ଥ ହେଉଛି ଯେ ଯଦି ଜନସଂଖ୍ୟା ମଧ୍ୟରେ ବ୍ୟକ୍ତିମାନଙ୍କର ଅନିୟମିତ ମିଶ୍ରଣ ହୁଏ, ତେବେ ଗୋଷ୍ଠୀ ପ୍ରତିରକ୍ଷା ସମଗ୍ର ଜନସଂଖ୍ୟାରେ ବିସ୍ତାରିତ ହୋଇପାରିବ ନାହିଁ। ଗୋଷ୍ଠୀ ପ୍ରତିରକ୍ଷା ସଂକ୍ରମଣର ସଂକ୍ରମଣକୁ ଭାଙ୍ଗି କିମ୍ବା ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବାର ସମ୍ଭାବନାକୁ ହ୍ରାସ କରି କାର୍ଯ୍ୟ କରେ। ଏହି ପ୍ରକ୍ରିୟା ଦ୍ୱାରା ବୃହତ ଭାବରେ ସମାଜର ପ୍ରତି ପିଢ଼ି ଓ ପ୍ରତି ବର୍ଗକୁ ରକ୍ଷା କରାଯାଇପାରିବ.

ଦୀର୍ଘ ଦୁଇ ଶତାବ୍ଦୀରୁ ଅଧିକ ସମୟ ଧରି, ବିଶ୍ୱରେ ପ୍ରଥମ ଥର ପାଇଁ ବସନ୍ତ ରୋଗ ପ୍ରତିରୋଧୀ ଟିକାକରଣ ଆରମ୍ଭ ହେବା ପରଠାରୁ, ଲୋକଙ୍କୁ ମାରାତ୍ମକ ରୋଗ ବିରୁଦ୍ଧରେ ଟିକାକରଣ କରାଯାଇଛି। ଇତିହାସ ଆମକୁ ଶିଖାଇଛି ଯେ ଟିକା-ପ୍ରତିରୋଧୀ ରୋଗ ପ୍ରତି ଏକ ପୂର୍ଣ୍ଣ ଏବଂ ପ୍ରଭାବଶାଳୀ ବିଶ୍ୱସ୍ତରୀୟ ପ୍ରତିକ୍ରିୟା ପାଇଁ ସମୟ, ଆର୍ଥିକ ସହାୟତା ଏବଂ ସହଯୋଗ ଆବଶ୍ୟକ - ଏବଂ ନିରନ୍ତର ସତର୍କତା ଆବଶ୍ୟକ।୧୫୦୦ ଦଶକର ଯୁଗାନ୍ତକାରୀ ଅଭ୍ୟାସଠାରୁ ଆରମ୍ଭ କରି COVID-୧୯ ଟିକାକରଣରେ ବ୍ୟବହୃତ ନୂତନ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ, ଆମେ ବହୁତ ଆଗକୁ ଆସିଛୁ। ଟିକା ବର୍ତ୍ତମାନ ନିମୋନିଆ ଠାରୁ ଗର୍ଭାଶୟ କର୍କଟ ଏବଂ ଇବୋଲା ପର୍ଯ୍ୟନ୍ତ ୨୦ ରୁ ଅଧିକ ରୋଗରୁ ସୁରକ୍ଷା ପ୍ରଦାନ କରିବାରେ ସାହାଯ୍ୟ କରେ; ଏବଂ ଗତ ୩୦ ବର୍ଷ ମଧ୍ୟରେ, ଶିଶୁ ମୃତ୍ୟୁ ୫୦% ରୁ ଅଧିକ ହ୍ରାସ ପାଇଛି, ଯାହାର ଏକ ବଡ଼ ଅଂଶ ଟିକାକରଣକୁ ଧନ୍ୟବାଦ ଦେବା ଉଚିତ । କିନ୍ତୁ ଆହୁରି ଅନେକ କିଛି କରିବାକୁ ପଡିବ। ବିଶ୍ୱର ଅନେକ ସ୍ଥାନରେ, ୫ ଜଣ ଶିଶୁଙ୍କ ମଧ୍ୟରୁ ଜଣେ ଶିଶୁ ଏପର୍ଯ୍ୟନ୍ତ ଟିକାକରଣରୁ ବଞ୍ଚିତ । ଆଗାମୀ ଦଶନ୍ଧିଗୁଡ଼ିକରେ ବିଶ୍ୱସ୍ତରୀୟ ସହଯୋଗ, ପାଣ୍ଠି, ପ୍ରତିବଦ୍ଧତା ଏବଂ ଦୃଷ୍ଟିକୋଣରେ ସାମଞ୍ଜସ୍ୟ ଆବଶ୍ୟକ ହେବ ଯାହା ନିଶ୍ଚିତ କରିବ ଯେ କୌଣସି ଶିଶୁ କିମ୍ବା ବୟସ୍କ କୌଣସି ଟିକା-ପ୍ରତିରୋଧୀ ରୋଗରେ ପୀଡିତ କିମ୍ବା ମୃତ୍ୟୁବରଣ ନକରନ୍ତି।

" ସବୁ ପିଢ଼ି ଲାଗି ସବୁ, ସବୁ ବର୍ଗ ଲାଗି,
'ଇନ୍ଦ୍ରଧନୁଷର' ତୋରଣ
ଜାତୀୟ କାର୍ଯ୍ୟକ୍ରମରେ ଭାଗ ନେଇ
କରେଇବା ଟୀକାକରଣ"

# ସହଯୋଗ ଓ ସମନ୍ୱୟର ଗଣତନ୍ତ୍ର



କିଶୋର ଚନ୍ଦ୍ର ଜେନା
'ଉପାସନା'
ଜଗନ୍ନାଥ ନଗର, ଭୁବନେଶ୍ୱର
ମୋ.: ୯୪୩୭୦୪୧୩୦୦

ଆମ ଦେଶ ଭାରତବର୍ଷର ପବିତ୍ର ଗଣତାନ୍ତ୍ରିକ ପୀଠ ହେଉଛି ଆମର ସଂସଦ। ଏହା ସାଧାରଣ ଜନତାଙ୍କର ଆସ୍ଥା ଆକାଂକ୍ଷାର ଅଭିବ୍ୟକ୍ତି। ଏଠାରେ ଜନତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କର ପ୍ରତ୍ୟେକ କାର୍ଯ୍ୟାବଳୀ ରୂପକ ଚନ୍ଦ୍ରକିରଣ ସଂସଦରୂପୀ ସ୍ୱଚ୍ଛଜଳ ଧାରାରେ ପ୍ରତିବିମ୍ବିତ ହୋଇଥାଏ। ଏଠାରେ ଦେଶ ବିକାଶ, ସୁରକ୍ଷା ଏବଂ ସାଧାରଣ ଜନତାଙ୍କର କଲ୍ୟାଣ ପାଇଁ ନୀତି ନିର୍ମାଣ ଏବଂ ବିଭିନ୍ନ ଯୋଜନାମାନଙ୍କ ରୂପରେଖର ଛାଞ୍ଚ ପଡ଼େ ଏବଂ ପୂର୍ଣ୍ଣ ଆବରଣଯୁକ୍ତ ନିୟମ, ନୀତି ଓ ଦେଶ କଲ୍ୟାଣ ଯୋଜନାମାନଙ୍କର ରୂପରେଖ ଗୁଡ଼ିକରୁ ଜୀବନ୍ୟାସ ଦିଆଯାଇଥାଏ। ସଂସଦର ପ୍ରତ୍ୟେକ ଘଟଣାବଳୀ ଏବଂ ବିଭିନ୍ନ ପ୍ରତିନିଧମାନଙ୍କର ନିଜ ଅଞ୍ଚଳର ତଥା ସର୍ବୋପରି ଦେଶ ବିକାଶର କାର୍ଯ୍ୟକ୍ରମର ତର୍କ, ବିତର୍କ ଓ ପ୍ରଣୟନର ସିଧା ଦୃଶ୍ୟ ଏବେ ଘରେ ଘରେ ଦୃଶ୍ୟମାନ। ଆମ ସମସ୍ତ ଦେଶବାସୀଙ୍କର ଅପେକ୍ଷା ଥାଏକି ଯେପରି ସଂସଦରେ ତର୍କ ବିତର୍କ ହଉ ଯେପରି ସଂସଦର ପ୍ରତ୍ୟେକ ବୈଠକରେ ସମ୍ବାଦ ଓ ସମନ୍ୱୟ ଭାବଧାରାର ସ୍ତରର ଅବନତି ନ ଘଟୁ। ଏହା ବ୍ୟତିରେକ ଏଠାରେ ସମ୍ବେଦନଶୀଳତା, ଆନ୍ତରିକତା, ସମନ୍ୱୟତା, ସମୟର ମହତ୍ତ୍ୱ, ନିଜ କର୍ତ୍ତବ୍ୟବୋଧ ଏବଂ ଅଧ୍ୟୟନଶୀଳତା ଆଦି ବିଭିନ୍ନ ଦିବ୍ୟ ପ୍ରେରଣା ଓ ବିଶ୍ୱାସ ଉତ୍ପନ୍ନକାରୀ ତଥ୍ୟମାନଙ୍କର ସମାବେଶୀ ଧାରା ଯେପରି କ୍ଷୁଣ୍ଣ ନ ହେଉ। 'ସତ୍ୟମେବ ଜୟତେ' ଏହି ପବିତ୍ର ଗଣତନ୍ତ୍ର ପୀଠର ମସ୍ତକରେ ଟୀକା ଭାବରେ ଶୋଭାପାଏ। ଏହା ପ୍ରତ୍ୟେକ ମୁହୂର୍ତ୍ତରେ ଉଦ୍‌ଘୋଷଣା କରେ କି ଯେ, ସତ୍ୟର ସଦାସର୍ବଦା ଜୟ ହେଉ। ଏହି ନ୍ୟାୟରେ ପ୍ରତିଷ୍ଠିତ ଆମ ଗଣତନ୍ତ୍ରର ପୀଠରେ ପ୍ରହରୀ ସଦୃଶ୍ୟ ହେଉଛନ୍ତି ଆମ ନିର୍ବାଚିତ ପ୍ରତିନିଧିଗଣ। ତାଙ୍କର ଆଚାର, ବିଚାର ଓ ବ୍ୟବହାର ମଧ୍ୟ ଭବିଷ୍ୟତ ପ୍ରତିନିଧିମାନଙ୍କ ପାଇଁ ଅନୁକରଣୀୟ। ତେଣୁ ସେଥିପ୍ରତି ସେମାନେ ଦୃଷ୍ଟିଦେବା ନିତ୍ୟାନ୍ତ ଜରୁରୀ। ଦେଶ ସ୍ୱାଧୀନତା ପରେ କିଛି ବର୍ଷ ଧରି ସଂସଦର କାର୍ଯ୍ୟକ୍ରମମାନ ଆଜି ପରି ଲୋକମାନେ ଦେଖିପାରୁ ନ ଥିଲେ। କିନ୍ତୁ ସେମାନଙ୍କର ଦେଶ ପ୍ରତି ତନ୍ମୟବୋଧାତ୍ମକ ଭାଷଣମାନ ସଂସଦକୁ ଗୁଞ୍ଜରିତ କରୁଥିଲା ଏବଂ ଆଜି ମଧ୍ୟ କୋକିଳର କୁହୁତାନ ପରି ଏହା ଲୋକମାନଙ୍କ ମଧ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟେ। ବିଭିନ୍ନ ପ୍ରକାର ସମ୍ବାଦପତ୍ର ମାଧ୍ୟମରେ ସେତେବେଳେ ଲୋକମାନେ ଅନୁଭବ କରୁଥିଲେ ଯେ ଜନପ୍ରତିନିଧିଗଣ ଦେଶ ପାଇଁ ଏବଂ ଜନତାଙ୍କ ପାଇଁ କିଛି କରୁଛନ୍ତି। ଆପଣମାନଙ୍କ ମଧ୍ୟ ମନେଥିବ ଯେ ସେତେବେଳେ ଦେଶ ସଂଗ୍ରାମ ପାଇଁ ପ୍ରାଣବଳୀ ଦେଇଥିବା ଏବଂ ସର୍ବହରା ହୋଇଥିବା ଜନପ୍ରତିନିଧିମାନଙ୍କର କାହାଣୀ। ସେତେବେଳେ ତାହା ଦେଶର ବିଭିନ୍ନ ଛାମୁଆ ଖବରକାଗଜରେ ପୃଷ୍ଠା ମଣ୍ଡନ କରୁଥିଲା। ଲୋକମାନେ ସେମାନଙ୍କୁ ଗର୍ବର ସହିତ ସେମାନଙ୍କର କାର୍ଯ୍ୟକଳାପକୁ ମନେ ପକାଉଥିଲେ। କିନ୍ତୁ ବଡ଼ ବିଡ଼ମ୍ବନାର ବିଷୟ ଏହିକି ଯେ ଆଜି ରାଜନୀତିରେ 'ନୀତି' ନାହିଁ କେବଳ ରାଜର ଭାବନା ଅଛି। 'ସର୍ବଜନ ହିତାୟଚଃ ଓ ସର୍ବଜନ ସୁଖାୟ ଚଃ'ର ଭାବନା ଆଜି ଜନତନ୍ତ୍ରରେ ବା ଲୋକତନ୍ତ୍ରରେ ଅନ୍ତସାର ଶୂନ୍ୟ। ଆଜି ଅନୁମେୟ ଯେ ଲୋକତନ୍ତ୍ରରୁ ସହଯୋଗ ଓ ସମନ୍ୱୟର ଦ୍ୱୟ ପକ୍ଷ ବା ଡେଣା ସତେଯେପରି ଛିଡ଼ିପଡ଼ିଛି। ଲୋକତନ୍ତ୍ର ରୂପକ ପକ୍ଷୀଟି ଯେତେବେଳେ ନୀଳଗଗନଶ୍ଚୁମ୍ବୀ ହେବ ଅଥଚ ସେ ସେତେବେଳେ ତା'ର ଏ ଦ୍ୱୟ ପକ୍ଷ ନ ଥିବ। ଆମ ଗଣତନ୍ତ୍ର ଏହା ମଧ୍ୟ ଅପେକ୍ଷା କରେ ଯେ ବିପକ୍ଷ ଦଳ ଏବଂ ବିଶେଷ କରି ସତ୍ତା ଦଳ ଯିଏ ଲୋକମାନଙ୍କ ଦ୍ୱାରା ଚୟନିତ, ସେମାନେ ଲୋକତନ୍ତ୍ରର ମୂଳ ଭାବନା ଦ୍ୱାରା ପ୍ରତିଷ୍ଠିତ ଦ୍ୱୟ ବିନ୍ଦୁ 'ଜନସେବା' ତଥା ଜନସମ୍ପର୍କ ଉପରେ ବିଶେଷ ଗୁରୁତ୍ୱ ଦେବେ, ବିପକ୍ଷ ଦଳ ସତ୍ତା ପକ୍ଷକୁ ପ୍ରଶ୍ନ ପଚାରିବେ ଏବଂ ସେମାନଙ୍କର ଦୋଷ ଦୁର୍ବଳତାକୁ ସାମ୍ନାକୁ ଆଣିବେ ଓ ଲୋକତନ୍ତ୍ରର ସୁଦୃଢ଼ୀକରଣ ପାଇଁ କାମ କରିବେ। କିନ୍ତୁ ବଡ଼ ବିଡ଼ମ୍ବନାର ବିଷୟ ଏହିକି ଯେ, ଆଜି ଏ ଭାବନା ବିଲୁପ୍ତ ପ୍ରାୟ। ଏହା ନିଶ୍ଚିତ ଭାବରେ ସତ୍ୟ ଯେ ବିପକ୍ଷର ଅଧିକାଂଶ ରାଜନୈତିକ ଦଳ ପାଖରେ ଜନତାଙ୍କ ବିଶ୍ୱାସ ଭାଜନ ହେବାର କୌଣସି ଲକ୍ଷଣ ଦେଖିବାକୁ ମିଳୁ ନାହିଁ। ଏଥିଯୋଗୁଁ ଯୁବନେତା ଏବଂ ବରିଷ୍ଠ ନେତାଙ୍କର ଆଗାମୀ ଭବିଷ୍ୟତ ମଧ୍ୟ ଅନ୍ଧକାରର ଘେରରେ। ଆଜି ଦେଶରେ ସାଧାରଣ ଜନତାଙ୍କର ଜାଗରଣ ପ୍ରକ୍ରିୟା ମଧ୍ୟ କ୍ଷୀପ୍ର ଓ ସୁଦୃଢ଼, ସେମାନେ ଏ ସ୍ଥିତିକୁ ଭଲ ଭାବରେ ବିଶ୍ଳେଷଣ ଏବଂ ତୁଳନାତ୍ମକ ଭାବରେ ବିଚାର କରୁଛନ୍ତି। ଲୋକତନ୍ତ୍ର, ଗଣତନ୍ତ୍ର ଓ ଜନତନ୍ତ୍ରର ମୂଳ ଆଧାର ଓ ମୂଳ ଭାବନା ଯେଉଁ ଶାବ୍ଦିକ ସଂକଳ୍ପରେ ନିହିତ ଅଛି ତାହା ହେଲା 'ସମ୍ବାଦ'। ପ୍ରତ୍ୟେକ ସମସ୍ୟା ଏବଂ ବାଦବିବାଦର ସମାଧାନ କେବଳ ହିଁ କେବଳ ସମ୍ବାଦ ମାଧ୍ୟମରେ ସମ୍ଭବ ଏବଂ 'ସମ୍ବାଦ'ର ସାର୍ଥକତା ଉପରେ ଦଣ୍ଡାୟମାନ। ବର୍ତ୍ତମାନ କିନ୍ତୁ ଦେଶର ରାଜନୈତିକ ବାତାବରଣ ଏପରି ନିମ୍ନଗାମୀ ହୋଇ ପଡ଼ିଲାଣି ଯେ ଏଥିରେ ସମ୍ବନ୍ଧ ଏବଂ 'ସମ୍ବାଦ'ର କୌଣସି ସ୍ଥାନ ହିଁ ନାହିଁ। ଏପରି ସ୍ଥିତି ମଧ୍ୟ ସମୟେ ସମୟେ ଏଭଳି ଉତ୍ପନ୍ନ ହେବାରେ ଲାଗିଛି ଯେ ସଭ୍ୟ ସମାଜର ମୂଳ ଆଧାର ଓ ସଂକଳ୍ପର ଚର୍ଚ୍ଚା-ପରିଚର୍ଚ୍ଚାର ସମ୍ଭାବନା ମଧ୍ୟ ଦେଖାଯାଉ ନାହିଁ। ଆପଣମାନେ ଜାଣିଥିବେ ଗଣତନ୍ତ୍ର ରୂପକ ମନ୍ଦିରରେ ନେତାମାନଙ୍କର ଆଦର୍ଶ ଓ ନୀତି ହିଁ ସମାଜ ପାଇଁ ଦର୍ପଣ ଏବଂ ସର୍ବ ଜନଗଣ ଓ ମନକୁ ମଧ୍ୟ ପ୍ରଭାବିତ କରିଥାଏ। ଲାଲ ବାହାଦୂର ଶାସ୍ତ୍ରୀ, ସର୍ଦ୍ଦାର ପଟେଲ, ଶ୍ୟାମାପ୍ରସାଦ ମୁଖାର୍ଜୀ, ଆମ୍ବେଦକର, ଜୟପ୍ରକାଶ ନାରାୟଣଙ୍କ ଠାରୁ ଆରମ୍ଭ କରି ଅଟଳ ବିହାରୀ ବାଜପେୟୀଙ୍କୁ ଆଜି ପର୍ଯ୍ୟନ୍ତ ଗଣତନ୍ତ୍ରରେ ଗୋଟିଏ ଗୋଟିଏ ଆଦର୍ଶ ପୁରୁଷ ଭାବରେ ଗଣାଯାଏ ଏବଂ ସେମାନଙ୍କ ନୀତି, ଆଦର୍ଶ ଓ ବାକ୍ୟ, କର୍ମ ମଧ୍ୟ ଆଜି ଭାରତବର୍ଷରେ ଅଗଣିତ ଜନତାଙ୍କ ମନରେ କୋକିଳର କୁହୁତାନ ପରି ସେମାନଙ୍କୁ ମୁଗ୍ଧ କରୁଛି, ଆନ୍ଦୋଳିତ କରୁଛି ଏବଂ କରୁଥିବ ମଧ୍ୟ। ସର୍ବାଗ୍ରେ ଅଟଳ ବିହାରୀ ବାଜପେୟୀଙ୍କର ଗୋଟିଏ ଭୋଟ୍‌ରେ ଏନ.ଡି.ଏ ସରକାରର ପତନ ତାଙ୍କ ଆଦର୍ଶ ଓ ନୀତିର ଏକ ବରିଷ୍ଠ ଉଦାହରଣ ଭାବରେ ଇତିହାସ ବହିରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ୧୩ ଦଳକୁ ନେଇ ୧୯୯୮ ମସିହାରେ ଏନ.ଡି.ଏ. ସରକାର ଗଠନର ପ୍ରକ୍ରିୟା ମଧ୍ୟ ଗଣତନ୍ତ୍ରରେ ସହଯୋଗ ଓ ସମନ୍ୱୟର ଏକ ବରିଷ୍ଠ ଉଦାହରଣ ବୋଲି କୁହାଯାଇପାରିବ। ମହାତ୍ମା ଗାନ୍ଧୀଙ୍କର ସର୍ବୋଦୟ ନୀତି, ଯଥା ଲବଣ ସତ୍ୟାଗ୍ରହ, ଦାଣ୍ଡି ଯାତ୍ରା, ଭାରତଛାଡ଼ ଆନେଦାଳନ ଆଦି ଅନେକ ସଫଳତାର କାହାଣୀ ମଧ୍ୟ ସହଯୋଗ ଏବଂ ସମନ୍ୱୟର ଦ୍ୱୟ ବରିଷ୍ଠ ବିନ୍ଦୁରୁ ଜନ୍ମ, ଯାହାକୁ ସେ ଦେଶସାରା ଗାଁ ଗାଁ ବୁଲି ପ୍ରଚାର କରିଥିଲେ। ଅହିଂସାର ଅସ୍ତ୍ର ମଧ୍ୟ ଏହି ଦ୍ୱୟବିନ୍ଦୁରୁ ହିଁ ଜନ୍ମ ନେଇଥିଲା। ସର୍ବୋପରି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ 'ଏକାତ୍ମ ମାନବବୋଧ' ଯାହା ସମାଜର ଶେଷ ଧାଡ଼ିରୁ ଆରମ୍ଭ ହୋଇ ପ୍ରଥମ ଧାଡ଼ିକୁ ସ୍ପର୍ଶ କରିଥାଏ। ଯାହା ଫଳରେ ଏହା ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ହୋଇପାରିଛି। ବ୍ୟଷ୍ଟି ବା ବ୍ୟକ୍ତି, ସମଷ୍ଟି ବା ସମାଜ, ସୃଷ୍ଟି (ପ୍ରକୃତି) ଏବଂ ପରମେଷ୍ଟି ବା ଈଶ୍ୱରଙ୍କ ମଧ୍ୟରେ ପରସ୍ପର ସନ୍ତୁଳନ ବା ସମନ୍ୱୟ ସୃଷ୍ଟିକରେ। ତେଣୁ ଏହି ଦର୍ଶନ ହେଉଛି ଗଣତନ୍ତ୍ରର ଦ୍ୱୟ ମୂଳବିନ୍ଦୁ ବା ଦ୍ୱୟ ପକ୍ଷ ଯାହା 'ସହଯୋଗ ଓ ସମନ୍ୱୟ'ର ଭାବଧାରାକୁ ପରିପୁଷ୍ଟ କରିବାରେ ନିରନ୍ତର ସାହାଯ୍ୟ କରିବ। ଏହାଛଡ଼ା ବରିଷ୍ଠ ରାଜନୈତିକ ବା ନେତୃତ୍ୱ ପକ୍ଷ ଏବଂ ବିପକ୍ଷର ଭେଦଭାବ ଭୁଲି ଦେଶର ବିଶେଷଜ୍ଞଙ୍କ ମତ ନେଇ ଜନକଲ୍ୟାଣ ନିମିତ୍ତ ବିସମ୍ବାଦକୁ ସମ୍ବାଦରେ ପରିଣତ କରିବାର ସଫଳ ପ୍ରୟାସ କରିବାକୁ ପଡ଼ିବ। ଗତ କିଛି ବର୍ଷ ହେଲା ସଂସଦରେ ଯେପରି ବାଦ-ବିବାଦ, ଦୁସମ୍ବାଦ ଏବଂ ଅପ୍ରୀତିକର ପରିସ୍ଥିତି, ବ୍ୟକ୍ତିଗତ ଆକ୍ଷେପ ଆଦି ଦେଶର ଜନହିତକାରୀ କଲ୍ୟାଣ ପରିବର୍ତ୍ତେ ଦଳଗତ କଲ୍ୟାଣକୁ ବିଶେଷ ଗୁରୁତ୍ୱ ଏବଂ ପ୍ରୋତ୍ସାହିତ କରୁଛି। ସ୍ୱତନ୍ତ୍ର ଭାରତର ପ୍ରଥମ ପର୍ଯ୍ୟାୟରେ ଦେଶରେ ପ୍ରଗତିର ରଥକୁ ଆଗକୁ ବଢ଼େଇବାରେ ବହୁତ ଦୂରଦୃଷ୍ଟି ସମ୍ପନ୍ନ ନିର୍ଣ୍ଣୟ ନିଆଯାଇଅଛି। ଯିଏ ଠିକ୍ କାର୍ଯ୍ୟ କରେ ତାଙ୍କୁ ହିଁ ଅଧିକାରପୂର୍ବକ ପଚରାଯାଏ ଯେ ସେ କାହିଁକି ଅଧିକ ଆଚ୍ଛା କାମ କରିପାରୁ ନାହିଁ। ଏହାକୁ ଆମେ ସମାଲୋଚନା କହିପାରିବା ନାହିଁ, ବରଂ ପ୍ରେରଣାଦାୟୀ ମନ୍ତବ୍ୟ ବୋଲି ଆଖ୍ୟା ଦେଇପାରିବା। ପ୍ରତ୍ୟେକ ରାଜନୈତିକ ଦଳ ଓ ସେମାନଙ୍କ ଦଳର ବିଚାରଧାରା ଯାହା ହେଉନା କାହିଁକି, ସେମାନେ ସତ୍ତା ପକ୍ଷରେ ଥାଆନ୍ତୁ ଅବା ବିପକ୍ଷରେ, ଏହାର ଊର୍ଦ୍ଧ୍ୱକୁ ଉଠି ରାଷ୍ଟ୍ରର ମଙ୍ଗଳ ନିମିତ୍ତ ବା 'ରାଷ୍ଟ୍ର ସର୍ବୋପରି' ଭାବଧାରାର ସୁଦୃଢ଼ୀକରଣ ଆଦି ପରସ୍ପର ମଧ୍ୟରେ ସହଯୋଗ ଓ ସମନ୍ୱୟ ଭାବକୁ ମଜଭୁତ କରିବା ଆବଶ୍ୟକ। ସହଯୋଗ ଓ ସମନ୍ୱୟ ଗଣତନ୍ତ୍ରର ଏପରି ଦ୍ୱୟ ପକ୍ଷ ଯାହା ସାହାଯ୍ୟରେ ଗଣତନ୍ତ୍ର ଜନତନ୍ତ୍ର ରୂପକ ଭାବଧାରାକୁ ନେଇ ନୀଳ ଗଗନରେ ଅନାୟସରେ ଉଡ଼ିବାକୁ ସମର୍ଥ ହେବ ଏବଂ ଗଣତନ୍ତ୍ର ମନ୍ଦିରରୁ ପ୍ରତିଧ୍ୱନିତ ଓ ଉଦ୍‌ଭାସିତ ହେବ 'ସର୍ବେ ଭବନ୍ତୁ ସୁଖିନଃ - ସର୍ବେ ସନ୍ତୁ ନିରାମୟ'ର ସର୍ବୋଦୟ ମନ୍ତ୍ର।

# କୋଭିଡ୍ ଭାଇରସ୍‌ର ନୂଆ ରୂପ ସିକାଡା



ଡାକ୍ତର ରାଜକିଶୋର ପଣ୍ଡା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ଜାନୁୟାରୀ ୨୦୨୦ରେ ପୃଥିବୀପୃଷ୍ଠକୁ ଆସିଥିଲା ମହାଭୟଙ୍କର କୋଭିଡ୍ ମହାମାରୀ। ଏହାକୁ କରୁଥିବା ଭାଇରସ୍‌ର ନାମ ଥିଲା କରୋନା ଭାଇରସ୍ ସାର୍ସ-ସି.ଓ.ଭି-୨। ଅସଂଖ୍ୟ ଲୋକ ଏହି ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ। ୨୦୨୦ ମସିହା ମାର୍ଚ୍ଚ ମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(WHO) କୋଭିଡ୍‌କୁ "ଗ୍ଲୋବାଲ ହେଲ୍‌ଥ ଏମର୍‌ଜେନ୍ସି" ଭାବରେ ଘୋଷଣା କରିଥିଲେ। ଏହି ଜରୁରୀକାଳୀନ ଘୋଷଣାର ସମୟସୀମା ପୂର୍ଣ୍ଣ ହୋଇ ଥିଲା ମେ ୨୦୨୩ରେ। ପ୍ରଥମ କୋଭିଡ୍ ଲହରୀ( ୨୦୨୦) ଓ ଦ୍ୱିତୀୟ କୋଭିଡ୍ ଲହରୀ( ୨୦୨୧) କୁ ଏ ମଧ୍ୟରେ ପାଞ୍ଚରୁ ଛଅ ବର୍ଷ ବିତି ଗଲାଣି। ଇତି ମଧ୍ୟରେ କୋଭିଡ୍ ଭାଇରସ୍‌ର ପରିବର୍ତ୍ତନ ଘଟି ନୂଆ ନୂଆ ପ୍ରଜାତିର ଭାଇରସ୍ ମାନଙ୍କର ସୃଷ୍ଟି ହୋଇଅଛି। ନିବନ୍ଧଟିରେ ଆଗକୁ ଯିବା ପୂର୍ବରୁ ଆମେ ଭାଇରସ୍‌ର "ମ୍ୟୁଟେସନ୍" କହିଲେ କ'ଣ ବୁଝାଏ ତାହା ଜାଣିବା। ଏହି ମ୍ୟୁଟେସନ୍, ଭାଇରସ୍‌ର ଏକ ସ୍ଥାୟୀ ଓ ପ୍ରାକୃତିକ ପରିବର୍ତ୍ତନ ଅଟେ। ଭାଇରସ୍‌ରେ ଥିବା ନ୍ୟୁକ୍ଲିକ୍ ଏସିଡ୍ (ଡି.ଏନ୍.ଏ କିମ୍ବା ଆର.ଏନ.ଏ)ରେ ଏହି ପରିବର୍ତ୍ତନ ସଂଘଟିତ ହୋଇଥାଏ। ମ୍ୟୁଟେସନ୍ ପ୍ରକ୍ରିୟା ଭାଇରସ୍‌କୁ ନୂତନ ପରିବେଶ ସହ ଖାପ ଖୁଆଇବା, ଆଣ୍ଟିଭାଇରାଲ୍ ଔଷଧ ଏବଂ ଟୀକାକୁ ପ୍ରତିରୋଧ କରିବା ଇତ୍ୟାଦିରେ ସହଯୋଗ କରିଥାଏ। ପ୍ରକାଶ ଥାଉ କି ବେଳେବେଳେ ଏହା ଭାଇରସ୍ ପାଇଁ ଲାଭଦାୟକ ହୋଇଥାଏ ଏବଂ ଆଉ କେବେ କ୍ଷତିକାରକ ମଧ୍ୟ ହୋଇଥାଏ। ମ୍ୟୁଟେସନ୍ କରିପାରୁଥିବା ଗୋଟିଏ ବାହ୍ୟିକ କାରକ ହେଉଛି ଅଲ୍‌ଟ୍ରାଭାଇଯୋଲେଟ୍ ରଶ୍ମି। ଯେଉଁ ଯେଉଁ ଭାଇରସ୍‌ମାନଙ୍କ ଠାରେ ଏହି ପ୍ରକ୍ରିୟା ଅଧିକ ମାତ୍ରାରେ ଦେଖିବା ପାଇଁ ମିଳିଥାଏ, ସେମାନେ ହେଉଛନ୍ତି-କୋଭିଡ୍, ଇନ୍‌ଫ୍ଲୁଏଞ୍ଜା ଓ ଏଚ୍.ଆଇ.ଭି। ତେବେ କୋଭିଡ୍ ଭାଇରସ୍‌ର ମ୍ୟୁଟେସନ୍ ଘଟି ଏକ ନୂତନ ପ୍ରଜାତିର ସୃଷ୍ଟି ହୋଇଥିଲା ୨୦୨୪ ମସିହାରେ। ଏହାର ନାମ ହେଉଛି "ସିକାଡା" ଓ ଏହା ହିଁ ଆମ ସନ୍ଦର୍ଭର ବିଷୟବସ୍ତୁ। ସାର୍ସ ସିଓଭି-ଦୁଇ ରେ ବ୍ୟାପକ ପରିବର୍ତ୍ତନ ବା ମ୍ୟୁଟେସନ୍ ଘଟି ଏଥିରୁ ସର୍ବପ୍ରଥମେ ଓମିକ୍ରନ୍ ପ୍ରଜାତିର ସୃଷ୍ଟି ହୋଇଛି। ଏହି ଓମିକ୍ରନ୍ ସର୍ବପ୍ରଥମେ ଦକ୍ଷିଣ ଆଫ୍ରିକାରେ ୨୪ ନଭେମ୍ବର ୨୦୨୧ ମସିହାରେ ଚିହ୍ନଟ କରାଯାଇଥିଲା। ଏହାପରେ ଓମିକ୍ରନ୍‌ଠାରେ ମ୍ୟୁଟେସନ୍ ଘଟି ବହୁତ ଗୁଡ଼ିଏ ଅନ୍ୟ ପ୍ରଜାତିର ଉତ୍ପତ୍ତି ଘଟିଛି। ଏଗୁଡ଼ିକ ହେଉଛନ୍ତି ବିଏ.୧, ବିଏ.୨, ବିଏ.୩, ବିଏ.୪ ଓ ବିଏ.୫। ବିଏ.୩ ରୁ ବିଏ.୩.୨ ର ସୃଷ୍ଟି ମଧ୍ୟ ମ୍ୟୁଟେସନ୍ ମାଧ୍ୟମରେ ହିଁ ହୋଇଛି। ସୂଚନାଯୋଗ୍ୟ ଯେ ବିଏ.୩ ର ସ୍ପାଇକ୍ ପ୍ରୋଟିନ୍ ରେ ପଚାଶ ଥରରୁ ଅଧିକ ମ୍ୟୁଟେସନ୍ ଘଟି ବିଏ.୩.୨ ର ସୃଷ୍ଟି ହୋଇଛି। ଏହି ସ୍ପାଇକ୍ ପ୍ରୋଟିନ୍ କହିଲେ ଆମେ କଣ ବୁଝିବା ? କୋଭିଡ ଭାଇରସ୍ ଠାରେ ଦେଖାଯାଉଥିବା ଚାରିଗୋଟି ପ୍ରମୁଖ ପ୍ରୋଟିନ୍ ମଧ୍ୟରୁ ଏହି ସ୍ପାଇକ୍ ପ୍ରୋଟିନ୍ ଅନ୍ୟତମ ଅଟେ। କୋଭିଡ୍ ଭାଇରସ୍‌ର ମନୁଷ୍ୟ ଶରୀର ମଧ୍ୟକୁ ପ୍ରବେଶ ପ୍ରକ୍ରିୟାରେ ଉପରୋକ୍ତ, ପ୍ରୋଟିନ୍‌ଟିର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ। ପ୍ରାୟ ସମସ୍ତ କୋଭିଡ୍ ଟୀକା ଆମ ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥା(Immunity) କୁ ଏହି ସ୍ପାଇକ୍ ପ୍ରୋଟିନ୍ ବିରୁଦ୍ଧରେ ହିଁ କାର୍ଯ୍ୟକ୍ଷମ କରାଇ ଥାଆନ୍ତି। ପାଠକମାନେ ଜାଣିରଖନ୍ତୁ ଯେ, ଏହି ମ୍ୟୁଟେସନ୍ କେବଳ ଭାଇରସ୍‌ରେ ନୁହେଁ ବରଂ ବ୍ୟାକ୍ଟେରିଆ ଓ କବକ ଠାରେ ମଧ୍ୟ ଦେଖାଯାଇଥାଏ। ଏହି ବିଏ.୩.୨ ସିକାଡା ନାମକରଣ କରାଯାଇଛି, ସର୍ବପ୍ରଥମେ ୨୦୨୪ରେ ଦକ୍ଷିଣ ଆଫ୍ରିକାରେ ଲୋକମାନଙ୍କୁ ସଂକ୍ରମିତ କରିଥିଲା। ଏହା ପରେ କିଛି କାଳ ପର୍ଯ୍ୟନ୍ତ ନିଷ୍କ୍ରିୟ ହୋଇ ପୁନର୍ବାର ଯୁକ୍ତରାଷ୍ଟ୍ରରେ ସଂକ୍ରମଣ କରିବା ଆରମ୍ଭ କରିଥିଲା। ଯେହେତୁ ଜୀବବିଜ୍ଞାନରେ ଦେଖାଯାଉଥିବା ସିକାଡ଼ା ନାମକ ଏକ କୀଟପତଙ୍ଗ(insect) ଏହିଭଳି ଭାବେ ସକ୍ରିୟ ଓ ନିଷ୍କ୍ରିୟ ଆଚରଣ କରିଥାଏ, ତେଣୁ ଏହାକୁ ଅନୁକରଣ କରି ବିଏ.୩.୨ କୁ ସିକାଡା ନାମକରଣ କରାଯାଇଅଛି। ଯଦିଓ ଏପର୍ଯ୍ୟନ୍ତ ବ୍ୟାପକ ପରିମାଣରେ ସଂକ୍ରମଣ ସିକାଡା ଦ୍ୱାରା ହୋଇନାହିଁ, ତଥାପି ନିକଟ ଅତୀତରେ ୟୁରୋପରେ ଦେଖା ଦେଇଥିବା କୋଭିଡ୍‌ର ତିରିଶ ପ୍ରତିଶତ ଏହା ଯୋଗୁଁ ହୋଇଅଛି ବୋଲି ଗବେଷକ ମାନେ ମତବ୍ୟକ୍ତ କରିଅଛନ୍ତି। ଆମେରିକାର ପାଖାପାଖି ଦୁଇ ଡଜନ ରାଜ୍ୟରେ ଲୋକମାନେ ଏହି ଭାଇରସ୍ ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଯଦି ଆମେ ଲକ୍ଷଣକୁ ଦେଖିବା, ତାହାହେଲେ ପୂର୍ବ କୋଭିଡ୍ ଭାଇରସ୍‌ମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ, ଯେଉଁ ଲକ୍ଷଣମାନ ଦେଖାଯାଇଥାଏ, ତାହା ମଧ୍ୟ ସିକାଡାର ସଂକ୍ରମଣରେ ଦେଖାଯାଇଥାଏ। ଏହି ଲକ୍ଷଣଗୁଡ଼ିକ ହେଉଛି- ଥଣ୍ଡା, ମୁଣ୍ଡବିନ୍ଧା, କାଶ ଓ ଶରୀର ପୀଡ଼ା ଇତ୍ୟାଦି। ବର୍ତ୍ତମାନ କୋଭିଡ-୧୯ ଟୀକା ହିଁ, ସିକାଡ଼ା ଜନିତ ସଂକ୍ରମଣର ପ୍ରାଥମିକ ପ୍ରତିଶେଧକ ବ୍ୟବସ୍ଥା ଭାବରେ ବ୍ୟବହୃତ ହେଉଅଛି ଯଦିଓ ଏହାର କାର୍ଯ୍ୟଦକ୍ଷତା କେତେ ତାହାକୁ ନେଇ ବ୍ୟାପକ ଗବେଷଣା ଚାଲୁ ରହିଛି। ଏହା ଉପରେ ମତ ଦେଇ ଭାଣ୍ଡରବିଲ୍ଟ ବିଶ୍ୱବିଦ୍ୟାଳୟର ସଂକ୍ରାମକ ରୋଗ ବିଭାଗର ପ୍ରଫେସର ଡାକ୍ତର ୱିଲିୟମ୍ ସ୍କାଫ୍‌ନର୍ କହିଛନ୍ତି କି "ଯେହେତୁ ସିକାଡ଼ା, ଓମିକ୍ରନ୍ ଭାଇରସ୍ ପରିବାରର ହିଁ ଅଂଶବିଶେଷ ତେଣୁ ଅତ୍ୟାଧୁନିକ କୋଭିଡ୍ ଟୀକା ଯେଉଁଗୁଡ଼ିକ କି ଓମିକ୍ରନ୍‌ର ଜେ ଏ.୩.୨ପ୍ରଜାତି ପାଇଁ ଉଦ୍ଦିଷ୍ଟ, ସେଗୁଡ଼ିକୁ ଆମେ ବିଏ.୩.୨ କିମ୍ବା ସିକାଡ଼ା ବିରୁଦ୍ଧରେ ମଧ୍ୟ ପ୍ରୟୋଗ କରିପାରିବା।" ଶେଷରେ ଆସିବା କୋଭିଡ୍ ଟେଷ୍ଟ ବା ପରୀକ୍ଷଣକୁ। ବିଶେଷଜ୍ଞମାନେ କହିଛନ୍ତି କି, କୋଭିଡ୍ ପରୀକ୍ଷଣରେ ଭାଇରସ୍‌ର ଯେଉଁ ଅଂଶକୁ ପରୀକ୍ଷା କରାଯାଇଥାଏ, ତାହାର ମ୍ୟୁଟେସନ୍‌ରେ ବଦଳିବାର ସମ୍ଭାବନା ଅତ୍ୟନ୍ତ କମ୍। ତେଣୁ ଚିରାଚରିତ ପରୀକ୍ଷଣ ସିକାଡାରେ ମଧ୍ୟ କରାଯାଇପାରିବ। ତେବେ ଆଗାମୀ ଦିନରେ ସିକାଡା କୁ ନେଇ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି।
ଓଡ଼ିଶା ସ୍ୱାସ୍ଥ୍ୟ ସେବା

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ସୁନାରୀସିକୁଆଁ ଗ୍ରାମରେ ପାନୀୟ ଜଳ ସମସ୍ୟା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ପାନୀୟ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ବସୁଧା ଯୋଜନାରେ ପ୍ରତ୍ୟେକ ଗ୍ରାମକୁ ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦିଆଯାଉଛି । କିନ୍ତୁ ଅନେକ ଗ୍ରାମରେ ଏହି ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହୋଇଛି । ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସୁନାରିସିକୁଆଁ ଗ୍ରାମ । ଗ୍ରାମରେ ୫୧୨ ପରିବାରର ତିନି ହଜାର ଲୋକ ବାସ କରନ୍ତି । ଗ୍ରାମର ଉପର ପଡ଼ାରେ ପ୍ରାୟ ପଚାଶ ପରିବାର ରହନ୍ତି । ଉପର ପଡ଼ାବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମକୁ ଚାରି ବର୍ଷ ତଳୁ ପାଇପ୍ ଯୋଗେ ପାଣି ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି କିନ୍ତୁ ସମ୍ପୂର୍ଣ୍ଣ ବସ୍ତିକୁ ସପ୍ତାହକୁ ଦିନେ ଦୁଇ ଦିନ ପାଣି ଆସୁଥିବା ବେଳେ ଉପର ପଡ଼ାକୁ ପନ୍ଦର ଦିନରେ ଥରେ ପାଣି ଆସୁଥିବା ଅଭିଯୋଗ ହେଉଛି । ଗ୍ରାମରେ ମୋଟ୍ ସାତଟି ନଳକୂପ ଥିବାବେଳେ ଉପର ପଡ଼ାରେ ଗୋଟିଏ ମାତ୍ର ନଳକୂପ ଅଛି । ସେହି ନଳକୂପ ନାମକୁ ରହିଛି, ତହିଁରୁ ବହୁତ୍ କମ୍ ପାଣି ବାହାରିଥାଏ । ଆଉ ଏକ ନଳକୂପରେ ପାହାନ୍ତିଆରୁ ମହିଳା ମାନେ ଭିଡ଼ ଜମାଇଥାନ୍ତି । କିନ୍ତୁ ଆବଶ୍ୟକତା ପୂରଣ ହୁଏନାହିଁ । ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ମଧ୍ୟ ଏହି ପଡ଼ାକୁ ସବୁଦିନ ପାଣି ନ ଯୋଗାଇବା ଦୁଃଖର ବିଷୟ ବୋଲି ଉପର ପଡ଼ାବାସୀ କହିଛନ୍ତି । ବସୁଧା ଯୋଜନାରେ ସମସ୍ତ ଗ୍ରାମକୁ ପାଣି ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି । ସରକାର ହର୍ ଘର୍ ନଲ୍ ବୋଲି ଘୋଷଣା ମଧ୍ୟ କରିଆସୁଛନ୍ତି । କିନ୍ତୁ ଅଦ୍ୟାବଧି ଅନେକ ଗ୍ରାମକୁ ବିଶୁଦ୍ଧ ପିଇବା ପାଣି ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି । ସୁନାରିସିକୁଆଁ ତାହାର ନିଛକ ଉଦାହରଣ । ଚାରିବର୍ଷ ତଳୁ ପାଇପ୍ ଯୋଗେ ପାଣି ଯୋଗାଣ ବ୍ୟବସ୍ଥା ହୋଇଥିବା ବେଳେ କାହିଁକି ନିୟମିତ ପାଣି ଯୋଗାଇ ଦିଆଯାଉନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୁଣି ଉପରପଡ଼ାକୁ ପାଣି ଯୋଗାଣ ବ୍ୟବସ୍ଥା ଫେଲ୍ ମାରିବା ଚିନ୍ତାଜନକ ବିଷୟ ମଧ୍ୟ । ଏନେଇ ଖଡ଼ିଆଳ ବିଡ଼ିଓ ମିଳନ ଝାଙ୍କରଙ୍କୁ ପଚାରିବାରୁ ଶୀଘ୍ର ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# କଟକ ଜିଲ୍ଲାରେ ବିକାଶ କାର୍ଯ୍ୟରେ ବିଳମ୍ବ ନେଇ ସାଂସଦଙ୍କ ପ୍ରତିକ୍ରିୟା




**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମହାନଗର ନିଗମ ସମେତ କଟକ ଜିଲ୍ଲାର ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ଘଟୁଛି । ବାରମ୍ବାର ନିର୍ଦ୍ଧାରିତ ସୀମା ଘୁଞ୍ଚି ଘୁଞ୍ଚି ଚାଲିଛି । ଏହାର ପ୍ରତିକ୍ରିୟା ଦେଇ କଟକ ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି, ଏହି ସମସ୍ତ କାମ ପୂର୍ବ ସରକାରର ବୋଝ । ଏହି ବୁଜୁଳାକୁ ବର୍ତ୍ତମାନର ସରକାର ବୋହିବାକୁ ବାଧ ହେଉଛି । ଗୁରୁବାର, ଚଣ୍ଡୀମନ୍ଦିର ପରିସରରେ କଟକ ମହାନଗର ନିଗମ ଓ କଟକ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସମୀକ୍ଷା ପରେ, ଖାନ୍‌ନଗର ଲିଙ୍କରୋଡ୍ କାଠଯୋଡ଼ି ନଦୀରେ ଛଅଥାକିଆ ରାସ୍ତାର ନିର୍ମାଣରେ ପୂର୍ତ୍ତ ବିଭାଗର ଅନୁମତିକୁ ରେଳବିଭାଗ ଖାରଜ କରିବା ପ୍ରସଙ୍ଗରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଜର ପ୍ରତିକ୍ରିୟା ଦେଇ ସାଂସଦ ମହତାବ କହିଛନ୍ତି । କେବଳ ରେଳ ବିଭାଗ ନୁହେଁ, ଜଳସମ୍ପଦ ବିଭାଗର ଅନୁମତି ମଧ୍ୟ ମିଳିନାହିଁ । ରେଳବିଭାଗର 'ଅନୁମତି ଖାରଜ' ପ୍ରସଙ୍ଗ ଏକ ସତର୍କ ଘଣ୍ଟି । ଯେଉଁ ବ୍ରିଜ୍ ବର୍ତ୍ତମାନ ନିର୍ମାଣାଧିନ ରହିଛି ତାହା ରେଳବାଇ ପୋଲ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି । ଆଗକୁ ରେଳବାଇ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ତେଣୁ ରେଳବାଇ ଏବଂ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନହେଲେ କାମ ଆଗେଇପରିବନାହିଁ । ପୂର୍ବ ସରକାର ଯେତେ ପରିମାଣର ବୁଜୁଳାକୁ ଲଦି ଦେଇ ଯାଇଛନ୍ତି ଏ ସରକାର ବୋହିବାକୁ ବାଧ ହେଉଛି । କୋଟି କୋଟି ଟଙ୍କା ବ୍ରିଜ୍ ବାବଦରେ ଖର୍ଚ୍ଚ ସାରିଲାଣି, ଆଉ କାମ ଏମିତି ଅଧାରୁ ଛାଡ଼ି ହେବନାହିଁ । ଅପରପକ୍ଷରେ, ଚଣ୍ଡୀମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ କାମ ସରିବା ତିଥି ପୁଣି ଘୁଞ୍ଚିଛି । ପୂର୍ବେ ଏପ୍ରିଲ ମାସ ଶେଷ ସୁଦ୍ଧା ମନ୍ଦିର କାମ ସରିବ ବୋଲି ସାଂସଦ ମହତାବ କହିଥିଲେ । ହେଲେ ସମୀକ୍ଷା ପରେ ଜୁନ୍ ୧୫ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସାଂସଦ ମହତାବ କହିଛନ୍ତି । ମନ୍ଦିର ପରିସରରେ ଯାଇଥିବା ଡ୍ରେନ୍‌ରେ ତ୍ରୁଟି ଥିବାରୁ ତାର ସମୀକ୍ଷା କରାଯାଇଛି । ଅଳ୍ପ କିଛି କାମ ବାକି ଥିବାରୁ ଜୁନ୍ ମାସ ୧୫ ସୁଦ୍ଧା କାମ ସରିଲେ ଭକ୍ତମାନେ ମୁଖ୍ୟ ମନ୍ଦିର ଭିତରେ ଯାଇ ମା'ଙ୍କ ଦର୍ଶନ କରିପାରିବେ । ସମୀକ୍ଷା ସମୟରେ ସାଂସଦଙ୍କ ସହ କଟକ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, କାର୍ଯ୍ୟ କରୁଥିବା ଓବିସିସିର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଏବେ ମଧ୍ୟ ମନ୍ଦିର ପାରିପାର୍ଶ୍ୱିକ କାମ ବାକି ରହିଛି । ମୁଖ୍ୟ ମନ୍ଦିର କବାଟ, ଯଜ୍ଞ ମଣ୍ଡପ, ଏପର୍ଯ୍ୟନ୍ତ ସମାପନ ହୋଇପାରିନାହିଁ ।

# ଆଧୁନିକ ସୁବର୍ଣ୍ଣପୁରର ନିର୍ମାତା ଥିଲେ ମହାରାଜା ବିରମିତ୍ରୋଦୟ ସିଂହଦେଓ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁରର ନିର୍ମାତା ସୁବର୍ଣ୍ଣପୁରର ପ୍ରଜାବତ୍ସଳ ଓ ଦୃଷ୍ଟିସମ୍ପନ୍ନ ଶାସକ ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ୮୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଶ୍ରାଦ୍ଧ ଓ ଚିରସ୍ମରଣୀୟ ସହିତ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା ଭିତ୍ତିକ ରାଜ୍ୟ ଓଡ଼ିଶା ଗଠନରେ ସୋନପୁର ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ଅବଦାନ ଅସ୍ୱୀକାର୍ଯ୍ୟ ନୁହେଁ । ସେ ସମୟରେ ସମସ୍ତ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ସେ ନିରନ୍ତର ସହଯୋଗ ଓ ପ୍ରୟାସ ଜାରି ରଖିଥିବା କଥା ଇତିହାସ ପୃଷ୍ଠାରୁ ପ୍ରମାଣିତ । ଶିକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କ ଅବଦାନ ଜିଲ୍ଲା ସହ ଓଡ଼ିଶା ପାଇଁ ଚିରସ୍ମରଣୀୟ ଅଟେ । ଅପ୍ରେଲ ୨୯ ତାରିଖରେ ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ବିରମିତ୍ରୋଦୟ ସିଂହଦେଓ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଯାଇଛି । ଏହି ଅବସରରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପଧାନ, ସୋନପୁର ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ସୋନପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନାଙ୍କ ସହ ପୂର୍ବତନ ପୌରପରିଷଦ ଅଧ୍ୟକ୍ଷ କଇଁରୁ ସ୍ୱାଇଁ ଓ ପ୍ରକାଶ ଚନ୍ଦ୍ର ସାହୁ, କାଉନ୍‌ସିଲର ପୀୟୁଷ ପଣ୍ଡା, ଗଙ୍ଗା ତରିଆ, ପୂର୍ବତନ କାଉନସିଲର ତ୍ରିଲୋଚନ ତରିଆ, ହରିନାରାୟଣ ଶତପଥି, ମହାନଦୀ ସାହିତ୍ୟ ସଂସଦ ସଭାପତି ଡ଼. ସୌରଭ ଖମାରୀ, ସଚେତନ ନାଗରିକ ମଞ୍ଚ ସଭାପତି ସିତାଂଶୁ ଶେଖର ମିଶ୍ର, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ, ଗୋପାଳଜୀ ଯୋଗାଳୟର ଡ଼. ଆର୍ତ୍ତତ୍ରାଣ ବାବୁ ଓ ଡ଼. ସନ୍ତୋଷ ପାଢ଼ୀ, କୃଷକ ସଂଘ ସଭାପତି ବୈକୁଣ୍ଠ ଶତପଥି, ସ୍ୱଚ୍ଛ ଭାରତ ସଂଗଠନ ସଭାପତି ମନୋରଞ୍ଜନ ତ୍ରିପାଠୀ, ସାମ୍ବାଦିକ ରାଜକିଶୋର ତ୍ରିପାଠୀ, ବିବେକାନନ୍ଦ ମିଶ୍ର, ମହାଦେବ ମଲ୍ଲିକ, ଭାରତ ବିକାଶ ସଂଘ ଦୁର୍ଯ୍ୟୋଧନ ସାହୁ, କ୍ଷୀରୋଦ କୁମାର ମେହେର, ଶୁଶାନ୍ତ ସାହୁ, ସତ୍ୟ ନାରାୟଣ ସାହୁ, ଦେବରାଜ ପରିଡ଼ା ଓ ଅନ୍ୟାନ୍ୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହି ମହାରାଜାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସର ସୁବର୍ଣ୍ଣପୁରର ଇତିହାସରେ ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ଅମୂଲ୍ୟ ଅବଦାନକୁ ପୁନଃସ୍ମରଣ କରିବାର ଏକ ସୁଯୋଗ ସୃଷ୍ଟି କରିଥିଲା ଓ ତାଙ୍କ ଆଦର୍ଶକୁ ଅନୁସରଣ କରି ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ସମସ୍ତଙ୍କୁ ପ୍ରେରିତ କରିଥିଲା ।



# ଯାଜପୁରରେ ବୁଦ୍ଧ ଜୟନ୍ତୀ ପାଳିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ବୁଦ୍ଧ ଜୟନ୍ତୀ ଅବସରରେ ଲଳିତେଶ୍ୱର ନଗର ଠାରେ ଅବସ୍ଥିତ ବୁଦ୍ଧ ମନ୍ଦିରରେ ପବିତ୍ର ବୁଦ୍ଧ ଜୟନ୍ତି ମହାସମାରୋହରେ ପାଳିତ ହୋଇଯାଇଛି । ଯାଜପୁର ଲୋକସଭା ସାଂସଦ ଡା. ରବିନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଡା. ରାଜକିଶୋର ପଣ୍ଡା, ଅତୁଲ୍ୟ ଦାସ, ଯଯାତୀ କେଶରୀ ବାରିକ, ମନ୍ଦିର ପ୍ରତିଷ୍ଠାତା ମହେଶ୍ୱର ମହାରଣା, ବିନୋଦିନୀ ମହାରଣା ଓ ତାଙ୍କର ସହଯୋଗୀ ମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ଅନାୟସରେ ସମାପନ ହୋଇଥିଲା । ଯୁବ ନେତା କଳିଙ୍ଗ କେଶରୀ ମହାନ୍ତି, ବଳରାମ ପାଲ, ଅବନିନ୍ଦ୍ର ମହାନ୍ତି ଓ ସୁଦୀପ କର ଉପସ୍ଥିତ ରହି, ନିଜର ମୂଲ୍ୟବାନ ସମୟରୁ କିଛି ସମୟ ଏଠାରେ ଅତିବାହିତ କରିଥିଲେ । ନାରାୟଣ ସାମନ୍ତ, ପ୍ରଫୁଲ୍ଲ କୁମାର ନାୟକ, ସର୍ଫୁଦ୍ଦିନ ଅହମ୍ମଦ, ପୃଥ୍ୱିରାଜ୍ ଦାସ, ପୁଷ୍ପାଞ୍ଜଳି ମହାରଣା, ରମେଶ ଚନ୍ଦ୍ର ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ କରିବେ କୃଷି ସମବାୟ ସମିତି କର୍ମଚାରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**




କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ସଭାପତି ବୈରାଗୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ଅସିତ୍ କୁମାର ବେହୁରିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପଦେଷ୍ଟା ବ୍ରଜବନ୍ଧୁ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ଅନନ୍ତ କୁମାର ସାମଲ ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ଭାବେ ଡି.ଆର୍.ସି.ଏସ୍ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ରନାଥ ବିଶ୍ୱାଳ, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ସହକାରୀ ଅଡିଟର ଜେନେରାଲ୍ ବାଲୁଙ୍କେଶ୍ୱର ଦାସ, ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଦିଗାମ୍ବର ନାୟକ, ରାଜ୍ୟ ସଂଘ ଉପସଭାପତି ନିରଞ୍ଜନ ସାହୁ, ଶରତ କୁମାର ସେଠୀ, ଜିଲ୍ଲା ଉପଦେଷ୍ଟା ଘନଶ୍ୟାମ ଜେନା, ଗୌରାଙ୍ଗ ପ୍ରଧାନ ପ୍ରମୁଖ ଯୋଗଦେଇ ଜିଲ୍ଲା ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସମାଧାନ ଦିଗରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାର ପରିଚାଳକ ତାପସ ପ୍ରସାଦ ସିଂଙ୍କ ସମେତ ଇତିକାନ୍ତ ସ୍ୱାଇଁ, ଜିଲ୍ଲାର ସମସ୍ତ ଶାଖା ପରିଚାଳକ ଉପସ୍ଥିତ ଥିଲେ । ଚୌଧୁରୀ ଚିଦାନନ୍ଦ ଦାସ ମଞ୍ଚ ପରିଚାଳନା କରିଥିବାବେଳେ କୋଷାଧକ୍ଷ ସୁବୋଧ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ହରିଶଙ୍କର ପୀଠରେ ସ୍କାଉଟ୍ - ଗାଇଡ଼ର ସେବା କାର୍ଯ୍ୟ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ନୃସିଂହ ଚତୁର୍ଦ୍ଦଶୀ ମେଳା ତଥା ହରିଶଙ୍କର ବୈଶାଖମେଳାର ତୃତୀୟ ରାଜନୀ ଅବସରରେ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ରଙ୍କ ଉପସ୍ଥିତିରେ ହରିଶଙ୍କର ପୀଠରେ ବଲାଙ୍ଗିର ଜିଲ୍ଲାର ଭାରତ ସ୍କାଉଟ୍ ଗାଇଡ୍ ଦ୍ୱାରା 'ଜଳଦାନ ସେବା ଶିବିର' ଓ ଜୁନିଅର ରେଡକ୍ରସ୍ ବଲାଙ୍ଗିର ଦ୍ୱାରା ସାମାଜିକ ସେବା ଶିବିରର ବୁଧବାର ଦିନ । ପ୍ରଚଣ୍ଡ ଖରାରେ ପୀଠକୁ ଆସୁଥିବା ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଏହି ସେବା ପାଇ ବହୁତ ଖୁସି ପ୍ରକଟ କରିବା ସହ ଆୟୋଜକଙ୍କୁ ସାଧୁବାଦ ଜଣାଇଛନ୍ତି । ବୁଧବାର ଗନ୍ଧମାର୍ଦ୍ଦନ ପାହାଡର ଆର ପାଖ ନୃସିଂହନାଥ ପୀଠରୁ ଶ୍ରଦ୍ଧାଳୁ ମାନେ ହରିଶଙ୍କରରେ ପହଞ୍ଚି ଏହି ଶିବିରରେ ବଣ୍ଟା ଯାଉଥିବା ଥଣ୍ଡା ପାଣି ଓ ଦହି ପାଣିର ମଜା ନେଇଥିଲେ । ଏଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଜୁନିଅର ରେଡକ୍ରସ୍ କାଉନ୍‌ସିଲର, ସ୍କାଉଟ୍ ଗାଇଡ୍ କ୍ୟାପ୍‌ଟେନ୍ ତଥା ଏହି ଶିବିର ପରିଚାଳନା କରୁଥିବା ଖପ୍ରାଖୋଲ ବ୍ଲକ୍‌ର ଉପସ୍ଥିତ ପ୍ରଧାନ ଶିକ୍ଷକମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟକୁ ଦେଖି ଜିଲ୍ଲା ଶାରୀରିକ ଅଧିକାରୀ ପ୍ରଦୀପ କୁମାର ପାତ୍ର ଖୁସିବ୍ୟକ୍ତ କରି ସମସ୍ତଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଶିବିରରେ ମହାରାପଦର୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବକିଶୋର ନନ୍ଦ, ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଘୁନସର୍‌ର ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା, ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାଶ ଓ ଖେଳ ଶିକ୍ଷକ ପ୍ରମୋଦ ବାଗ, ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ବେହେରା , ଧଣ୍ଡାମୁଣ୍ଡା ଜବାହରଲାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଜେୟ କୁମାର ଭୋଇ, ଖେଳ ଶିକ୍ଷକ ରଜତ କୁମାର ଦାଶ, ଶୁଭେନ୍ଦୁ ମହାନ୍ତି, ହେମନ୍ତ ପ୍ରଧାନ, ରାମନାରାୟଣ ଦାଶ, ଘନଶ୍ୟାମ ମେହେର, ରୋଜି ମଲ୍ଲିକ, ନିହାରିକା ଦଳପତି, ଉସତ ଗଡତିଆ, ଅମର ସାହୁ, ଅମର ମାଝୀ, ନୀଳିମା ମିଶ୍ର, ପୁନମଚନ ମାଝୀ, ଭୋଜରାଜ ଗହୀର, ଫାଲଗୁନି ବାରିକ, ସନାତନ କୁମ୍ଭାର, କୁମୁଦ ଚନ୍ଦ୍ର ଠାକୁର, ଡୋଲାମଣି ପଧାନ, ଜିଲ୍ଲା ସଂଗଠକ ବିନୋଦ କୁମାର ମହାପାତ୍ର ଓ ଜୟଶ୍ରୀ ପୋଢ଼ଙ୍କ ସହିତ ଜିଲ୍ଲାର ସମସ୍ତ ସ୍କାଉଟ ମାଷ୍ଟର୍ ଗାଇଟ୍ କ୍ୟାପ୍‌ଟେନ ଏବଂ ଜୁନିଅର ରେଡକ୍ରସ୍ କାଉନ୍‌ସିଲର ପ୍ରମୁଖ ଏହି ଶିବିରରେ ଉପସ୍ଥିତ ହୋଇ ସହଯୋଗ କରିଥିଲେ ।

# 'ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି'



**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଓଡିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ରାଇରଙ୍ଗପୁର ସ୍ଥିତ ପି.ସି.ଏମ୍. କଲ୍ୟାଣ ମଣ୍ଡପ ଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ-୨୦୨୬ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ସମାରୋହ ଆୟୋଜିତ ହୋଇଯାଇଛି । ପ୍ରଭାଗୀୟ ଶ୍ରମ ଆୟୁକ୍ତ, ମୟୂରଭଞ୍ଜ, ନରେନ୍ଦ୍ର ଗାଇପାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ, ସାରସକଣା ଭାଦବ ହାଁସଦା ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପାର୍ଘ୍ୟ ସମର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝୀ, ସହକାରୀ ଶ୍ରମ ଅଧିକାରୀ ଦିଲ୍ଲୀପ ହାଁସଦା ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ମାଝୀ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଏହି ଦିବସ ପାଳନର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖି ନିର୍ମାଣ ଶ୍ରମିକ ମାନଙ୍କ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେହିପରି ପ୍ରଭାଗୀୟ ଶ୍ରମ ଆୟୁକ୍ତ ନିର୍ମାଣ ଶ୍ରମିକ ଆଇନ୍ ଏବଂ ଅଧିକାର ବିଷୟରେ ବକ୍ତବ୍ୟ ରଖି କହିଥିଲେ ଯେ ନିର୍ମାଣ ଶ୍ରମିକ ତଥା ସେମାନଙ୍କ ପରିବାରର କଲ୍ୟାଣ ଦିଗରେ ସୁନିଶ୍ଚିତତା ତଥା ଶ୍ରମିକଙ୍କ ଅଧିକାର ଓ ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନର ପରିକଳ୍ପନା, ସରକାରଙ୍କ ସମ୍ବେଦନଶୀଳ ଚିନ୍ତାଧାରାର ଏକ ଅନନ୍ୟ ନିଦର୍ଶନ ଏବଂ ସରକାର ଏଥିନିମନ୍ତେ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଶ୍ରମିକ କଲ୍ୟାଣ ଯୋଜନାରେ ସଂଗଠିତ ଓ ଅଣସଂଗଠିତ ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜିକୃତ କରାଯାଇ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶ୍ରମିକ ତଥା ସେମାନଙ୍କ ପରିବାର ବର୍ଗଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ବୋଲି ଉଲ୍ଲେଖ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ହାଁସଦା ତାଙ୍କ ଅଭିଭାଷଣରେ କହିଥିଲେ କି, ଏକ ବିକଶିତ ରାଜ୍ୟ ଏବଂ ବିକଶିତ ରାଷ୍ଟ୍ର ଗଠନରେ ଶ୍ରମିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଷ୍ଟ୍ର ଗଠନରେ ଶ୍ରମିକଟି ଯେଉଁ ଶ୍ରମ ଦାନ କରିଥାଏ, ସେହି ଶ୍ରମର ମୂଲ୍ୟ ଅକଳନୀୟ ଓ ଅବଦାନ ଅତୁଳନୀୟ । ସେହିପରି ମଞ୍ଚାସୀନ ଅନ୍ୟାନ୍ୟ ଅତିଥିବୃନ୍ଦ ଶ୍ରମିକ କଲ୍ୟାଣ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ କିପରି ଅଧିକରୁ ଅଧିକ ହେବ ସେ ସମ୍ବନ୍ଧରେ ସଚେତନତାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅତିଥିବୃନ୍ଦ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୪ ଜଣ ହିତାଧିକାରୀଙ୍କ ପରିବାର ବର୍ଗଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ଓ ମୃତ୍ୟୁକାଳୀନ ଆର୍ଥିକ ସହାୟତା ରାଶି ଓ ଜଣେ ହିତାଧିକାରୀଙ୍କୁ ତାଙ୍କ କନ୍ୟା ବିବାହ ନିମନ୍ତେ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ନୂତନ ଭାବେ ପଞ୍ଜିକୃତ ହୋଇଥିବା ଶ୍ରମିକଙ୍କୁ ତାଙ୍କର କାର୍ଡ ପ୍ରଦାନ କରିଥିଲେ । ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାଝୀ, ଗୋବିନ୍ଦ ସୋରେନ, ତନ୍ମୟ ବସା, ସୌମିତ ମହାନ୍ତ, ବିଷ୍ଣୁପ୍ରିୟା ନାୟକ, ଶୋଭା ମାର୍ଣ୍ଡି, ସୁବାସ ସୋରେନ ଓ ସ୍ମୃତିରେଖା ନାଥ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ଏବଂ ପରିଶେଷରେ ସହକାରୀ ଶ୍ରମ ଅଧିକାରୀ ଦିଲ୍ଲୀପ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ପଦାଧିକାରୀ, କର୍ମଚାରୀ, ଶ୍ରମିକ ସଂଗଠନର କର୍ମକର୍ତ୍ତା, ନିର୍ମାଣ ଶ୍ରମିକଙ୍କ ସମେତ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ବେଦାନ୍ତ ଆଲୁମିନିୟମ୍‌କୁ ଟିଏନ୍‌ଏଫ୍‌ଡି ପ୍ରାରମ୍ଭିକ ଗ୍ରହଣକାରୀ ମାନ୍ୟତା ଅର୍ପଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍‌କୁ ୨୦୨୫ ମସିହାରେ ପ୍ରକାଶିତ ଏହାର ପ୍ରଥମ ଟାସ୍କ ଫୋର୍ସ ଅନ୍ ପ୍ରକୃତି-ସମ୍ବନ୍ଧୀୟ ଆର୍ଥିକ ପ୍ରକାଶନ (ଟିଏନ୍‌ଏଫ୍‌ଡି) ରିପୋର୍ଟ ପାଇଁ ପ୍ରାରମ୍ଭିକ ଗ୍ରହଣକାରୀ ଭାବରେ ମାନ୍ୟତା ଦିଆଯାଇଛି । କମ୍ପାନୀ ୨୦୫୦ ସୁଦ୍ଧା କୌଣସି ନେଟ୍ କ୍ଷତି ନାହିଁ ବୋଲି ଏହାର ଲକ୍ଷ୍ୟକୁ ପୁନଃନିର୍ଦ୍ଦିଷ୍ଟ କରିଛି, ଯାହା ଏହାର ମୂଳ ବ୍ୟବସାୟ ଢାଞ୍ଚାରେ ପ୍ରକୃତି ଏବଂ ଜୈବ ବିବିଧତାକୁ ସାମିଲ୍ କରିବା ଦିଗରେ ଏକ ରଣନୈତିକ ପରିବର୍ତ୍ତନକୁ ସଙ୍କେତ ଦିଏ । ପ୍ରକୃତି ସମ୍ବନ୍ଧୀୟ ବିପଦ ପରିଚାଳନା ପାଇଁ ବେଦାନ୍ତ ଆଲୁମିନିୟମ୍‌ର ଆଭିମୁଖ୍ୟକୁ ସୁଦୃଢ଼ କରିବାରେ ଟିଏନ୍‌ଏଫ୍‌ଡି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୂଲ୍ୟାଙ୍କନ ମାଧ୍ୟମରେ, କମ୍ପାନୀ କାର୍ଯ୍ୟରେ ଏହାର ନିର୍ଭରଶୀଳତା, ପ୍ରଭାବ ଏବଂ ବିପଦକୁ ମ୍ୟାପ୍ କରିଛି, ପ୍ରାଥମିକତା ଇକୋସିଷ୍ଟମ୍ ଏବଂ ଭୌତିକ ଜଳ ଏବଂ ଜୈବ ବିବିଧତା ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିଛି । ଏହି ଅଭ୍ୟାସ ନିଷ୍ପତ୍ତି ଗ୍ରହଣରେ ପ୍ରକୃତି ସଂଲଗ୍ନ ବିଚାରକୁ ଏକୀକୃତ କରିବାର ସଂଗଠନର କ୍ଷମତାକୁ ବୃଦ୍ଧି କରେ । ଏହି ପଦକ୍ଷେପ ସହିତ, ବେଦାନ୍ତ ଆଲୁମିନିୟମ୍ ଟିଏନ୍‌ଏଫ୍‌ଡି ଢାଞ୍ଚା ଗ୍ରହଣ କରିବା ପାଇଁ ବିଶ୍ୱ ଧାତୁ ଏବଂ ଖଣି କମ୍ପାନୀଗୁଡ଼ିକର ଏକ ଚୟନିତ ଗୋଷ୍ଠୀରେ ଯୋଗଦେଇଛି । ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜୀବ କୁମାର କହିଛନ୍ତି, 'ଟିଏନ୍‌ଏଫ୍‌ଡି ପ୍ରାରମ୍ଭିକ ଗ୍ରହଣକାରୀ ଭାବରେ ମାନ୍ୟତା ପାଇବା ଆମର ମୁଖ୍ୟ ବ୍ୟବସାୟିକ ନିଷ୍ପତ୍ତି ଗ୍ରହଣରେ ପ୍ରକୃତି ବିଚାରକୁ ସାମିଲ୍ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଆମର ଧ୍ୟାନ ସ୍ୱଚ୍ଛତାକୁ ସୁଦୃଢ଼ କରିବା, ପ୍ରକୃତି ସମ୍ବନ୍ଧୀୟ ବିପଦକୁ ସମାଧାନ କରିବା ଏବଂ ଦକ୍ଷ ସମ୍ବଳ ବ୍ୟବହାର ମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ରହିଛି । ଏହି ପଦ୍ଧତି ମାଧ୍ୟମରେ, ଆମେ ସମସ୍ତ ଅଂଶୀଦାରଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ।' କମ୍ପାନୀର ପ୍ରଗତି ଏହାର ପରିବେଶଗତ କାର୍ଯ୍ୟଦକ୍ଷତାରେ ମାପଯୋଗ୍ୟ ଉନ୍ନତି ଦ୍ୱାରା ସମର୍ଥିତ । କମ୍ପାନୀ ଆର୍ଥିକ ବର୍ଷ ୨୫ ସୁଦ୍ଧା ୨.୯ ନିୟୁତରୁ ଅଧିକ ଗଛ ଲଗାଇଛି, ଯାହା ଆର୍ଥିକ ବର୍ଷ ୩୦ ସୁଦ୍ଧା ୭ ନିୟୁତ ଗଛ ପହଞ୍ଚିବା ଲକ୍ଷ୍ୟ ରଖାଯାଇଛି । ଏହି ପଦକ୍ଷେପଗୁଡ଼ିକ ବାସସ୍ଥାନ ପୁନରୁଦ୍ଧାର, କାର୍ବନ୍ ସିକ୍ୱେଷ୍ଟରେସନ୍ ଏବଂ ମୃତ୍ତିକା ସଂରକ୍ଷଣକୁ ସମର୍ଥନ କରେ । କମ୍ପାନୀ ପରିବେଶଗତ ଲାଭ ପ୍ରଦାନ କରିବା ସହିତ ସାଂରଚନିକ ଉଦ୍ଭିଦକୁ ସୁଦୃଢ଼ କରିବା ପାଇଁ ବାଉଁଶ ରୋପଣ ଭଳି ପ୍ରକୃତି ଆଧାରିତ ସମାଧାନ ଗ୍ରହଣ କରିଛି । ଅତିରିକ୍ତ ହସ୍ତକ୍ଷେପରେ ସ୍ଥାନୀୟ ଜୈବ ବିବିଧତାକୁ ବୃଦ୍ଧି କରିବା ଏବଂ କାର୍ଯ୍ୟକ୍ଷମ କ୍ଷେତ୍ରଗୁଡିକରେ ସମୃଦ୍ଧ ଇକୋସିଷ୍ଟମ୍‌କୁ ପ୍ରୋତ୍ସାହିତ କରିବା ପାଇଁ ଫଳ ବଗିଚା, ଔଷଧୀୟ ଉଦ୍ଭିଦ ଉଦ୍ୟାନ ଏବଂ କୃତ୍ରିମ ବସା ବାସସ୍ଥାନର ବିକାଶ ଅନ୍ତର୍ଭୁକ୍ତ । ବେଦାନ୍ତ ଆଲୁମିନିୟମ ପ୍ରକୃତି କାର୍ଯ୍ୟ ସହିତ ଏହାର ଡିକାର୍ବୋନାଇଜେସନ୍ ରୋଡମ୍ୟାପ୍ ଆଗକୁ ବଢାଇ ଚାଲିଛି । ଆର୍ଥିକ ବର୍ଷ ୨୧ ପରଠାରୁ, କମ୍ପାନୀ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ତୀବ୍ରତାକୁ ୮.୯୬% ହ୍ରାସ କରିଛି, ପ୍ରତି ଟନ୍ ଆଲୁମିନିୟମ୍‌ରେ ୧୭.୦୧ ଟିସିଓ୨ ହାସଲ କରିଛି, ଏପରିକି ଉତ୍ପାଦନ ବୃଦ୍ଧି ପାଇଛି । ଆର୍ଥିକ ବର୍ଷ ୨୫ରେ, କମ୍ପାନୀ ୧.୫୭ ବିଲିୟନ୍ ୟୁନିଟ୍ ନବୀକରଣୀୟ ଶକ୍ତି ବ୍ୟବହାର କରିଛି ଏବଂ କାର୍ଯ୍ୟରେ ନବୀକରଣୀୟ ମିଶ୍ରଣ ବୃଦ୍ଧି କରିବା ପାଇଁ କାମ କରୁଛି । ଏହାର ସମ୍ବଳ ଦକ୍ଷତା ପଦ୍ଧତିକୁ ଆହୁରି ସୁଦୃଢ଼ କରି, କମ୍ପାନୀ ୧୦୦% ଫ୍ଲାଏ ଆଶ୍ ବ୍ୟବହାର ହାସଲ କରିଛି, ଏହାର ବୃତାକାର ଅର୍ଥନୀତି ଅଭ୍ୟାସକୁ ସୁଦୃଢ଼ କରିଛି । ଏହାର ଜଳ ପରିଚାଳନା ପଦକ୍ଷେପର ଫଳସ୍ୱରୂପ ୧୫.୬% ଜଳ ପୁନଃଚକ୍ରଣ ହାର ସହିତ ବାର୍ଷିକ ୧୬ ନିୟୁତ ଘନ ମିଟରରୁ ଅଧିକ ଜଳ ପୁନଃଚକ୍ରଣ କରାଯାଇଛି, ଏବଂ ନେଟ୍ ଜଳ ସକାରାତ୍ମକତା ହାସଲ କରିବା ପାଇଁ ଏକ ରୋଡମ୍ୟାପ୍ କରାଯାଇଛି । ବେଦାନ୍ତ ଆଲୁମିନିୟମର ସ୍ଥାୟୀତ୍ୱ କାର୍ଯ୍ୟଦକ୍ଷତା ବିଶ୍ୱ ମାନକ ଏବଂ ଫ୍ରେମ୍‌ୱାର୍କ ବିରୁଦ୍ଧରେ ମାନଦଣ୍ଡ କରାଯାଇଛି । କମ୍ପାନୀକୁ ଏସ୍‌ଏଣ୍ଡପି ଗ୍ଲୋବାଲ୍ ସଷ୍ଟେନେବିଲିଟି ଇୟରବୁକ୍ ୨୦୨୬ରେ ପ୍ରଦର୍ଶିତ କରାଯାଇଥିଲା, ବିଶ୍ୱ ସ୍ତରରେ ଶ୍ରେଷ୍ଠ ୧୦% କମ୍ପାନୀ ମଧ୍ୟରେ ସ୍ଥାନିତ ହୋଇଥିଲା ଏବଂ ଲଗାତାର ତୃତୀୟ ବର୍ଷ ପାଇଁ ଏହାର କ୍ଷେତ୍ରରେ ୨ ସ୍ଥାନ ପାଇଛି । ଏହି ମାନ୍ୟତା ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ଏବଂ ନିରନ୍ତର ଉନ୍ନତି ପ୍ରତି ଏକ ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।



# କୋମଳମତି ଅଙ୍ଗନବାଡ଼ି ପିଲାଙ୍କୁ ଗ୍ରୀଷ୍ମପ୍ରବାହ ଛୁଟି ନାହିଁ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ବିଚିତ୍ର ନିୟମ ବର୍ତ୍ତମାନ ସମଗ୍ର ରାଜ୍ୟରେ ଯେଉଁ ପ୍ରଚଣ୍ଡ ରୌଦ୍ର ତାପ ପରିଲକ୍ଷିତ ହେଉଛି ସେଥିପାଇଁ ରାଜ୍ୟ ସରକାର ଶିଶୁ ବାଟିକା ଠାରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମସ୍ତ ସରକାରୀ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି । ଯାହାକି ସ୍ୱାଗତଯୋଗ୍ୟ କାରଣ ଯେଉଁଭଳି କୋରାପୁଟ ଜିଲ୍ଲା ସମେତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରୀ ରହିଛି ସୂର୍ଯ୍ୟ ଉଦୟ ହେବା ମାତ୍ରେ ଗୁଳୁ ଗୁଳି ସାଙ୍ଗକୁ ଖରା ତାପରେ ଜନଜୀବନ ଅସହ୍ୟ ହୋଇଉଠୁଛି । ଏଭଳି ସ୍ଥିତିରେ ରାଜ୍ୟ ସରକାର ବିଦ୍ୟାଳୟ ଗୁଡିକ ଛୁଟି ଘୋଷଣା କରିଛନ୍ତି ସମସ୍ତେ ସାଧୁବାଦ ଜଣାଉଛନ୍ତି । ହେଲେ ଏପଟେ ଅଙ୍ଗନବାଡି କେନ୍ଦ୍ର ସକାଳ ୭ଟାରୁ ଖୋଲି ଦିନ ୯ଟାରେ ବନ୍ଦ ପାଇଁ ନିର୍ଦ୍ଦେଶ ଜାରୀ ହୋଇଛି । ଏବେ ଗ୍ରୀଷ୍ମ ପ୍ରବାହ ଏପରି ହୋଇଛି ଯେ, ସକାଳ ପ୍ରାୟ ୭ଟା ପୂର୍ବରୁ ଗୁଳୁଗୁଳି ହେବା ସହ ଦିନ ୯ଟା ବେଳେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ଏପରି ସ୍ଥିତିରେ କୋମଳମତୀ ଅଙ୍ଗନବାଡ଼ି ଛାତ୍ରଛାତ୍ରୀମାନେ ସରକାରଙ୍କ ଏହି ନିୟମରୁ ବଞ୍ଚିତ ହୋଇଛନ୍ତି । କିନ୍ତୁ ଶିଶୁ ବାଟିକା ପିଲାଙ୍କ ଠାରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଛୁଟି ଘୋଷଣା କରାଯାଇଥିବା ବେଳେ ଆଙ୍ଗନବାଡି କେନ୍ଦ୍ରର ଛାତ୍ରଛାତ୍ରୀ ମାନଙ୍କୁ ବଞ୍ଚିତ କରାଯାଇଛି । ତେଣୁ ସେମାନଙ୍କ ପାଇଁ ଖରା ଛୁଟି ଜରୁରୀ ଏମାନଙ୍କ ପାଇଁ ନାହିଁ । ରାଜ୍ୟ ସରକାରଙ୍କ ଏହି ମହତ ପଣିଆକୁ କିଛି ରାଜନୈତିକ ବିଶେଷାଜ୍ଞ, ବୁଦ୍ଧିଜୀବୀ ଏବଂ ଅଙ୍ଗନୱାଡି ପିଲାଙ୍କ ଅଭିଭାବବ ଓ କଂଗ୍ରେସର ବ୍ଲକ ମୁଖିଆମାନେ ଘୋର ନିନ୍ଦା କରିଛନ୍ତି । ଯଦି କୈଣସି କାରଣରୁ କୋମଳମତି ପିଲାଟିର କିଛି ବି ହୋଇଯାଏ ତେବେ ନିରୀହ ଅଙ୍ଗନବାଡି ଦିଦିଟିକୁ ବଳି ପକାଇ ଦେବେ । ଅଙ୍ଗନବାଡି କେନ୍ଦ୍ରରେ ଦିନ ୯ଟା ପର୍ଯ୍ୟନ୍ତ ଏହି ପିଲାମାନେ ଶିକ୍ଷାଲାଭ କରିବେ ଯାହାକି ଅଭିଭାବକ ମାନଙ୍କୁ ଚିନ୍ତାରେ ପକାଇଦେଇଛି । ଏବେ କେତେକ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘରନଥିବା ବେଳେ କେନ୍ଦ୍ର ବିଦ୍ୟାଳୟ ବାରଣ୍ଡା, ମନ୍ଦିର ପରିସର, ଗ୍ରାମର ପରିତ୍ୟକ୍ତ ଚାଳଘର ଓ କର୍ମୀଙ୍କ ବ୍ୟକ୍ତିଗତ ଗୃହ କିମ୍ବା ବାରଣ୍ଡା ଅଥବା ଗଛମୂଳେ ଚାଲୁଥିବା ପରିଲକ୍ଷିତ ହେଉଛି । ପ୍ରାୟ ଅଙ୍ଗନବାଡି କେନ୍ଦ୍ରକୁ ପାନୀୟଜଳ ଯୋଗାଣ ଓ ଆଲୋକିକରଣ ଓ ଶୌଚାଳୟର ବ୍ୟବସ୍ଥା ହୋଇନାହିଁ । ସରକାର ସିନା ନିଜସ୍ୱ ଗୃହ କେନ୍ଦ୍ରଗୁଡିକୁ ବିଦ୍ୟୁତ୍ ସଂଯୋଗ କରିଦେଲେ, ପଙ୍ଖା ଯୋଗାଇଲେନାହିଁ । ଏଭଳି ସ୍ଥିତିରେ ପ୍ରି-ସ୍କୁଲ ଛାତ୍ରଛାତ୍ରୀମାନେ କିଭଳି ଅଙ୍ଗନବାଡି କେନ୍ଦ୍ରରେ ଶିକ୍ଷାଲାଭ କରିବେ ତାହାହିଁ ପରିତାପର ବିଷୟ । କେଉଁଠି ଘର ନାହିଁ ତ, କେଉଁଠି ପାନୀୟ ଜଳର ବ୍ୟବସ୍ଥା ନାହିଁ । ଏପରି ସ୍ଥିତିରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକରେ କିଭଳି ଖରାଦିନେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଧିକାଂଶ କେନ୍ଦ୍ରର ଦୂରତା ଅଧ କିଲୋମିଟର, ଗୋଟିଏ ଏପରିକି ଦେଢ କିଲୋମିଟର ଦୂରତା ରହିଛି ଏବଂ ଯେଉଁ କେନ୍ଦ୍ର ଗୁଡିକ ହୋଇଛି ତାହା ଗାଁ ଠାରୁ ବହୁଦୂର ପୋଖରୀ ତୁଠ, ଶ୍ମଶାନ ପାଖ ନଚେତ ଗାଁ ଶେଷରେ ଯେଉଁଠିକି ଗାଡି ବସ୍‌ର ଚଳାଚଳ ଅବାଧରେ ଚାଲୁଅଛି ତାହାକୁ ପାରକରି ପିଲାମାନେ କେନ୍ଦ୍ରକୁ ଯିବେ । ସରକାରଙ୍କ ବିଚାରରେ ୫ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ ପ୍ରବାହ ବାଧିଲା ବେଳେ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ୩ ବର୍ଷରୁ ୫ ବର୍ଷ ବୟସର ପ୍ରୀସ୍କୁଲ ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ ତାତି ବାଧିବନି ବୋଲି ଧରିନେଇଛନ୍ତି । ଯାହାକୁ ନେଇ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶିଶୁବିକାଶ ବିଭାଗର ଅଧିକାରୀ ମାନେ ଶୀତତାପ ନିୟନ୍ତ୍ରୀତ ଘରେ ବସି ଏପରି ନିଷ୍ପତ୍ତି ନେଇଥିବାରୁ ତାହାକୁ କଂଗ୍ରେସ ଓ ବୁଦ୍ଧିଜୀବୀମାନେ ସମାଲୋଚନା କରିଛନ୍ତି । ସରକାର ପୁଷ୍ଟିକର ଖାଦ୍ୟ ସେମାନଙ୍କୁ ଘରେ ଦେବାର ବ୍ୟବସ୍ଥା କରନ୍ତୁ । ସରକାରଙ୍କ ବାସ୍ତବ ଜ୍ଞାନ ନାହିଁ ପାହାଫଳରେ ଏପରି ନିଷ୍ପତ୍ତି ନେଇ ସମାଲୋଚନାର ପାତ୍ର ହେଉଛନ୍ତି ।




# ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ପକ୍ଷରୁ କଳାବ୍ୟାଜ୍ ପରିଧାନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ନିଷ୍ପତ୍ତିକ୍ରମେ ମେ ୧ ତାରିଖ ବିଶ୍ୱ ଶ୍ରମିକ ଦିବସ ପରିପ୍ରେକ୍ଷୀରେ ସମଗ୍ର ରାଜ୍ୟରେ ସାମ୍ବାଦିକମାନେ କଳାବ୍ୟାଜ୍ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ସଂଘର ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଶୁକ୍ରବାର ସକାଳ ୧୦ ଘଟିକା ସମୟରେ ବ୍ୟାସନଗର ସହର ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତ ସାମ୍ବାଦିକ ଏକତ୍ରୀତ ହୋଇଥିଲେ । ପ୍ରଥମେ ଉତ୍କଳ ମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ସଭ୍ୟମାନେ କଳାବ୍ୟାଜ୍ ପରିଧାନ କରିଥିଲେ । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିବାଦ ସଭାରେ ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ୬ ଦଫା ଦାବି ପୂରଣ ନେଇ ସ୍ଲୋଗାନ୍ ଦିଆଯାଇଥିଲା । ରାଜ୍ୟ ସରକାର ଦାବିଗୁଡିକ ଯଥାଶୀଘ୍ର ପୂରଣ ନକଲେ ଆଗାମୀ ଦିନରେ ଆନ୍ଦାଳନକୁ ଆହୁରି ତୀବ୍ରତର କରାଯିବବୋଲି ବକ୍ତବ୍ୟ ପ୍ରକାଶ ପାଇଥିଲା । ଏହି ପ୍ରତିବାଦ ସଭାରେ ବରିଷ୍ଠ ସଭ୍ୟ ଅଭିମନ୍ୟୁ ମିଶ୍ର, ଜାତୀୟ କାର୍ଯ୍ୟକାରୀ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଉପସଭାପତି ପ୍ରଦୀପ ଜେନା, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରଦ୍ୟୁମ୍ନ କୁମାର ବୋଇତାଇ, ସୁଦିପ ମିଶ୍ର, ସୁଜିତ ମଲ୍ଲିକ, ପ୍ରଶାନ୍ତ ପାତ୍ର, ଭାଗିରଥି ବାରିକ, ଦିନେଶ ପରିଡା, ଜିତେନ୍ଦ୍ର ରାଉତ, ଆଶୁତୋଷ ମହାନ୍ତି, ପ୍ରହ୍ଲାଦ ଦେଓ, ପ୍ରମୋଦ ପାତ୍ର, ଦୁଷ୍ମନ୍ତ ଘଡ଼ାଇ, ବିପ୍ଳବ ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ହରମନପ୍ରୀତଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଘୋଷଣା
## ୨ ବର୍ଷ ପରେ ଫେରିଲେ ଯଷ୍ଟିକା ଭାଟିଆ



**ନୂଆଦିଲ୍ଲୀ**

ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ଭାରତୀୟ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଗତବର୍ଷ ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱକପ୍ ଜିତିଥିବା ଟିମ୍ ଇଣ୍ଡିଆ ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ ଏହି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ। ପ୍ରଥମ ଟି-୨୦ ବିଶ୍ୱକପ୍ ଜିତିବା ଆଶାରେ, ଏହି ଟୁର୍ଣ୍ଣାମେଣ୍ଟକୁ ଯାଉଥିବା ଭାରତୀୟ ଦଳକୁ ଦୁଇ ବର୍ଷ ପରେ ଯୁବ ୱିକେଟକିପର-ବ୍ୟାଟର ଯଷ୍ଟିକା ଭାଟିଆଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି। ଏକଦିବସୀୟ ବିଶ୍ୱକପ୍‌ର ଷ୍ଟାର ଓପନର ପ୍ରତୀକା ରାୱଲଙ୍କୁ ଫର୍ମାଟରୁ ବାଦ୍ ଦିଆଯାଇଛି। ଏହି ପରିପ୍ରେକ୍ଷିରେ ଡବ୍ଲୁପିଏଲ ୨୦୨୬ ଷ୍ଟାର ପେସର ନନ୍ଦନୀ ଶର୍ମାଙ୍କୁ ପ୍ରଥମ ଥର ପାଇଁ ଦଳ ପାଇଁ ଚୟନ କରାଯାଇଛି।

ଶନିବାର ସିନିୟର ମହିଳା ଚୟନ କମିଟି ବିସିସିଆଇ ମୁଖ୍ୟାଳୟରେ ଭାରତୀୟ ଦଳ ଚୟନ କରିଥିଲେ, ଯେଉଁଥିରେ ଅଧିନାୟକ ହରମନପ୍ରୀତ କୌର ଏବଂ କୋଚ୍ ଅମୋଲ ମୁଜୁମଦାର ମଧ୍ୟ ଉପସ୍ଥିତ ଥିଲେ। ଏହାର କିଛି ସମୟ ପରେ, ମୁଖ୍ୟ ଚୟନକର୍ତ୍ତା ଅମିତା ଶର୍ମାଙ୍କ ନେତୃତ୍ୱରେ ଚୟନ କମିଟି ଟୁର୍ଣ୍ଣାମେଣ୍ଟ ପାଇଁ ୧୫ ଜଣିଆ ଦଳ ଘୋଷଣା କରିଥିଲେ। ବିଶ୍ୱକପ୍ ଜୁନ୍ ୧୨ରେ ଆରମ୍ଭ ହେବାକୁ ଥିବା ବେଳେ ଜୁନ୍ ୧୪ରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ଟୁର୍ଣ୍ଣାମେଣ୍ଟର ଠିକ୍ ପୂର୍ବରୁ, ଟିମ୍ ଇଣ୍ଡିଆର ଏହି ସ୍କ୍ୱାର୍ଡ ଇଂଲଣ୍ଡ ବିପକ୍ଷରେ ଏକ ତିନି ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ମଧ୍ୟ ଖେଳିବ।

ଟି-୨୦ ମହିଳା ବିଶ୍ୱକପ୍ ପାଇଁ ଭାରତୀୟ ଦଳ : ହରମାନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ-ଅଧିନାୟକ), ଶେଫାଲୀ ବର୍ମା, ଜେମିମା ରୋଡ୍ରିଗସ୍, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟ୍ କିପର), ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂହ, କ୍ରାନ୍ତି ଗୌଡ, ଶ୍ରୀ ଚରଣୀ, ଶ୍ରେୟଙ୍କା ପାଟିଲ, ଭାରତୀ ଫୁଲମାଲୀ, ଯଷ୍ଟିକା ଭାଟିଆ (ୱିକେଟ କିପର), ନନ୍ଦନୀ ଶର୍ମା, ରାଧା ଯାଦବ।

# ମୁମ୍ବାଇକୁ ୮ ୱିକେଟ୍‌ରେ ହରାଇଲା ଚେନ୍ନାଇ

**ଚେନ୍ନାଇ**



ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୪ତମ ମ୍ୟାଚ୍‌କୁ ଚେନ୍ନାଇ ସୁପର କିଙ୍ଗସ ୮ ୱିକେଟ୍‌ରେ ଜିତିଛି। ଚେନ୍ନାଇର ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ୧୬୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୮.୧ ଓଭରରେ ୨ ୱିକେଟ୍ ହରାଇ ୧୬୦ ରନ୍ ସଂଗ୍ରହ କରିଛି। ଚେନ୍ନାଇ ପାଇଁ ପ୍ରାରମ୍ଭିକ ବ୍ୟାଟର ସଞ୍ଜୁ ସାମସନ ୧୧ ରନ୍, ଋତୁରାଜ ଗାଏକ୍ୱାର୍ଡ ଅପରାଜିତ ୬୭ ରନ୍, ଉର୍ଭି ପଟେଲ ୨୪ ରନ୍ ଓ କାର୍ତ୍ତିକ ଶର୍ମା ଅପରାଜିତ ୫୪ ରନ୍ କରିଥିଲେ।

ଟସ୍ ଜିଣି ମୁମ୍ବାଇ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା। ମୁମ୍ବାଇ ପାଇଁ ନମନ ଧୀର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୭ଟି ବଲ୍‌ର ସାମ୍ନା କରିଥିଲେ ଏବଂ ୪ଟି ଚୌକା ଓ ୩ଟି ଛକା ବଳରେ ୫୭ ରନ୍ ସଂଗ୍ରହ କରିଥିଲେ।

ମୁମ୍ବାଇର ପ୍ରାରମ୍ଭିକ ବ୍ୟାଟିଂ ଉତ୍ସାହଜନକ ନଥିଲା। ପ୍ରାରମ୍ଭିକ ବ୍ୟାଟର ୫ଟି ବଲ୍ ଖେଳି ମାତ୍ର ଏକ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଦଳ ଦ୍ୱିତୀୟ ୱିକେଟରେ ୫୯ ରନ୍‌ର ଭାଗିଦାରୀ କରିଥିଲା। ରାୟନ ରିକେଲ୍ଟନ ଏବଂ ନମନ ଧୀରଙ୍କ ଦ୍ୱାରା ଏହା ହୋଇଥିଲା। ରିକେଲ୍ଟନ ୩୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ସେ ୨୪ଟି ବଲ୍ ଖେଳି ୫ଟି ଛକା ମାରିଥିଲେ।

ଚେନ୍ନାଇର ତୃତୀୟ ଶିକାର ହୋଇଥିଲେ ସୂର୍ଯ୍ୟକୁମାର ଯାଦବ, ଯିଏକି ୧୨ଟି ବଲ୍ ଖେଳି ୨୧ ରନ୍ ସଂଗ୍ରହ କରିଥିଲେ। ସେ ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଯୁବ ବ୍ୟାଟର ତିଳକ ବର୍ମା (୫ରନ୍) ମଧ୍ୟ ଭଲ ପ୍ରଦର୍ଶନ କରିପାରି ନଥିଲେ। ରୋବିନ ମିଞ୍ଜ ୫ ରନ୍ କରି ଆଉଟ୍ ହୋଇଥିଲେ।

# ମଲ୍ଟି-ପର୍ପସ ଇନଡୋର ଷ୍ଟାଡିୟମରେ ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର



## ୭ ଜଣ କ୍ରୀଡ଼ାବିତ୍‌ଙ୍କୁ ମିଳିବ ଭାରୋତ୍ତୋଳନରେ କଳିଙ୍ଗ ଷ୍ଟାଡିୟମରେ ଉଚ୍ଚକୋଟୀର ପ୍ରଶିକ୍ଷଣ ଓ ମାଗଣା ହଷ୍ଟେଲ ସୁବିଧା

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ଗତ ବର୍ଷ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଉମରକୋଟ ଠାରେ ଆୟୋଜିତ 'ମଲ୍ଟି-ପର୍ପସ ଇନଡୋର ଷ୍ଟାଡିୟମ ସମର କ୍ୟାମ୍ପ' ଅନେକ ଆଶାୟୀ ଆଥ୍‌ଲେଟ୍‌ଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସାବ୍ୟସ୍ତ ହୋଇଛି। ଏହି କ୍ରୀଡ଼ା ଶିବିର ଯୁବ ଖେଳାଳିମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ଶକ୍ତିଶାଳୀ ପ୍ଲାଟଫର୍ମ ପ୍ରଦାନ କରିଛି, ଯାହା ଅନେକଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପରିଚୟ ଦେଇଛି। ଏହି ପ୍ରଶିକ୍ଷଣ ଶିବିରରୁ ଶତାଧିକ କ୍ରୀଡ଼ା ପ୍ରେମୀ ଉପକୃତ ହୋଇଥିବା ବେଳେ ଏକ ବଡ଼ ସଫଳତା ସାମ୍ନାକୁ ଆସିଛି। ଏହି କ୍ୟାମ୍ପରୁ ୭ ଜଣ ଶ୍ରେଷ୍ଠ ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ଭୁବନେଶ୍ୱରସ୍ଥିତ ପ୍ରତିଷ୍ଠିତ କଳିଙ୍ଗ ଷ୍ଟାଡିୟମରେ 'ୱେଟଲିଫ୍ଟିଂ' (ଭାରୋତ୍ତୋଳନ) ପାଇଁ ବିଶେଷ ପ୍ରଶିକ୍ଷଣ ସହ ମାଗଣା ହଷ୍ଟେଲ ସୁବିଧା ଯୋଗାଇ ଦିଆଯାଇଛି। ଏଠାରେ ଉଲ୍ଲେଖନୀୟ ଯେ ସେହି ୭ ଜଣ କ୍ରୀଡ଼ାବିତ୍ ସଲୋମି ବାଗ, ମେଘା ପଟ୍ଟନାୟକ, ମନୀଷା କଲ୍ଲାର, ମଞ୍ଜିତା କଲ୍ଲାର, ଦୀପକ ସାନ୍ତା, ଜୟନ୍ତୀ ରାଠୋର, ଏବଂ ପବନ କୁମାର ଗାଣ୍ଡା ପ୍ରମୁଖ ଗତ ଦୁଇ ବର୍ଷ ଧରି ଉମରକୋଟ ସ୍ଥିତ ମଲ୍ଟି-ପର୍ପସ ସ୍ପୋର୍ଟ୍ସ ଏକାଡେମୀ ଠାରେ କ୍ରୀଡ଼ା ଶିକ୍ଷକ ଏମ. ବିଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ପ୍ରଶିକ୍ଷକ ନକୁଳ ସାନ୍ତାଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ। ପିଲାମାନଙ୍କର ଏହି ଉଲ୍ଲେଖନୀୟ ସଫଳତା ଦେଖି ଅଭିଭାବକମାନେ କ୍ରୀଡ଼ା ଓ ଯୁବସେବା ବିଭାଗର ଏହି ଅଭିଯାନକୁ ଉଚ୍ଚ ପ୍ରଶଂସା କରିଛନ୍ତି ତତ ସଙ୍ଗେ ସଙ୍ଗେ ମଲ୍ଟି-ପର୍ପସ ସ୍ପୋର୍ଟ୍ସ ଏକାଡେମୀ ନିକଟରେ କୃତଜ୍ଞତା ପ୍ରକାଶ କରିବା ସହ ଏହି ପଦକ୍ଷେପ ସେମାନଙ୍କ ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ ବୋଲି କହିଛନ୍ତି। ଓଡ଼ିଶାକୁ ଏକ କ୍ରୀଡ଼ା ହବ୍ ଭାବେ ଗଢ଼ିତୋଳିବା ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିଆଯାଉଥିବା ଏଭଳି ପଦକ୍ଷେପ ଆଗାମୀ ଦିନରେ ଅନେକ ନୂତନ ତାରକା ସୃଷ୍ଟି କରିବ ବୋଲି ମଲ୍ଟି-ପର୍ପସ ଇନଡୋର ଷ୍ଟାଡ଼ିୟମର ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ସାହୁ ଏବଂ ଜିଲ୍ଲା କ୍ରୀଡ଼ା ସଙ୍ଘର ମହିଳା କ୍ରୀଡ଼ା ସଂଯୋଜିକା ଇଂ. ଚନ୍ଦନା ମଲ୍ଲିକ ମତବ୍ୟକ୍ତ କରିବା ସହ ମଲ୍ଟି-ପର୍ପସ ସ୍ପୋର୍ଟ୍ସ ଏକାଡେମୀ ଠାରେ ସାଧୁବାଦ ଜ୍ଞାପନ କରିଛନ୍ତି।

# ଅନ୍ତର୍ଜାତୀୟ ଗୋଲ ସଟ୍ ବଲ୍‌ରେ ସ୍ୱର୍ଣ୍ଣ ଜିତିଲେ କୁଡ଼ାସିଂହାର ଭାଇ-ଭଉଣୀ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ଦକ୍ଷିଣ ଏସିୟ ଅନ୍ତର୍ଜାତୀୟ ଗୋଲ ସଟ୍ ବଲ୍ ଚାମ୍ପିୟନସିପ୍ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ପ୍ରତିଷ୍ଠିତ ମଞ୍ଚରେ ଭାରତୀୟ ଦଳ ପକ୍ଷରୁ ଖେଳି ବରଗଡ଼ ଜିଲ୍ଲାର ଦୁଇ ଯୁବ ପ୍ରତିଭା ରାଜ ମେହେର ଓ ପରୀ ମେହେର ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ଓ ରାଜ୍ୟ ପାଇଁ ଗର୍ବର କାରଣ ହୋଇଛନ୍ତି। ପଦ୍ମପୁର ବ୍ଲକ ଅନ୍ତର୍ଗତ କୁଡ଼ାସିଂହା ଗ୍ରାମର ଏହି ଭାଇ-ଭଉଣୀ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଭାରତୀୟ ଦଳରେ ଚୟନିତ ହୋଇଥିଲେ। ସଠିକ୍ ପ୍ରଶିକ୍ଷଣ, ଦୃଢ଼ ଇଚ୍ଛାଶକ୍ତି ଓ ଅନବରତ ପରିଶ୍ରମର ଫଳରେ ସେମାନେ ଦଳକୁ ଚାମ୍ପିଅନ କରି ସ୍ୱର୍ଣ୍ଣ ପଦକ ହାସଲ କରିପାରିଛନ୍ତି। ରାଜ ଓ ପରୀ, କୁଡ଼ାସିଂହା ଗ୍ରାମର ସୁରେନ୍ଦ୍ର ମେହେରଙ୍କ ସନ୍ତାନ। ସେମାନଙ୍କ ସଫଳତାରେ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ବ୍ୟାପିଯାଇଛି। ଗ୍ରାମକୁ ଫେରିବା ସମୟରେ ଶତାଧିକ ଗ୍ରାମବାସୀ ଉତ୍ସାହର ସହିତ ସ୍ୱାଗତ କରିଥିଲେ। ଫୁଲମାଳା, ଚନ୍ଦନ ତିଳକ ଓ ପାଦ ପ୍ରକ୍ଷାଳନ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଦୁଇ ଖେଳାଳିଙ୍କୁ ନିଜ ପାଇକମାଲ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଆମନ୍ତ୍ରଣ କରି ଅଭିନନ୍ଦନ ଜଣାଇଥିଲେ। ସେମାନଙ୍କ ଏହି ସଫଳତାକୁ ସେ ଜିଲ୍ଲା ପାଇଁ ଗୌରବମୟ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରି, ଭବିଷ୍ୟତରେ ଆହୁରି ବଡ଼ ମଞ୍ଚରେ ଦେଶର ନାମ ଉଜ୍ଜ୍ୱଳ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଏହି ସଫଳତାକୁ ଏକ ଐତିହାସିକ ସଫଳତା ଭାବେ ଦେଖାଯାଉଥିବା ବେଳେ, ଦୁଇ ଯୁବ ପ୍ରତିଭାଙ୍କ ଆଗାମୀ ଯାତ୍ରା ପ୍ରତି ସମସ୍ତଙ୍କ ଆଶା ଓ ଆକାଙ୍କ୍ଷା ବଢ଼ିଛି।

# ରାଜ୍ୟ ସ୍ତରୀୟ ୫ମ ଟାଇକାଣ୍ଡୋ ଚାମ୍ପିଅନସିପ୍‌ରେ ସୁବର୍ଣ୍ଣପୁର ପ୍ରତିଯୋଗୀଙ୍କ ପଦକ ହାସଲ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




ଇଣ୍ଡିଆ ଟାଇକୋଣ୍ଡୋ ଦ୍ୱାରା ଅନୁବନ୍ଧିତ ଓଡ଼ିଶାର ଏକମାତ୍ର ସଂଘ ଓଡ଼ିଶା ଟାଇକାଣ୍ଡୋ ତଥା କ୍ରୀଡ଼ା ଓ ଯୁବସେବା ବିଭାଗ ଓଡ଼ିଶା ସରକାରଙ୍କ ସ୍ୱୀକୃତି ଓ ସାହାଯ୍ୟକ୍ରମେ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ୍ କଟକ ଠାରେ ୫ମ ଓଡ଼ିଶା ଟାଇକୋଣ୍ଡୋ ରାଜ୍ୟ ସ୍ତରୀୟ ଚାମ୍ପିଅନସିପ୍ ପ୍ରତିଯୋଗିତା ଗତ ଏପ୍ରିଲ ୨୮ରୁ ୩୦ଏପ୍ରିଲ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଏହି ସ୍ୱୀକୃତିପ୍ରାପ୍ତ ପ୍ରତିଯୋଗିତାରେ ବିଭିନ୍ନ ୨୫ ଟି ଜିଲ୍ଲାରୁ ସର୍ବମୋଟ ୮୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିଥିଲେ ଏବଂ ୧୨୦ ପ୍ରଶିକ୍ଷକ, ମ୍ୟାନେଜର ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଟାଇକୋଣ୍ଡୋ ସଂଘ ଆର୍ଟସ୍ ଟେମ୍ପଲ ପକ୍ଷରୁ ୯ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ, ତନ୍ମଧ୍ୟରୁ ଓମ୍ ପରିମିତା ମିର୍ଧା ସ୍ୱର୍ଣ୍ଣ ପଦକ, ଜୟ ଲକ୍ଷ୍ମୀ ମିର୍ଧା ଓ ପ୍ରତ୍ୟାଶା ବେହେରା ରୌପ୍ୟ ଏବଂ ସଗୁନ ଜଗତ, ସାହୁଲ ଖୁରା କାଂସ୍ୟ ପଦକ ହାସଲ କରି ସୁବର୍ଣ୍ଣପୁର ମାଟିକୁ ଗୌରବାନ୍ୱିତ କରିଛନ୍ତି। ପ୍ରକାଶ ଥାଉକି ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଆଗାମୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିପରି ସୁବର୍ଣ୍ଣପୁରର ଅନ୍ୟ ୪ ଜଣ ପ୍ରତିଯୋଗୀ ଶ୍ରୁତି କୁମ୍ଭାର, ସାଇ ସାଧ୍ୱୀ, ସାଇ ଇଭାନ, ଅନମୋଲ ମିଶ୍ର ମଧ୍ୟ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ପୂର୍ବକ ଭଲ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଅଳ୍ପକେ ପଦକ ଲାଭ କରିପାରିନାହାନ୍ତି ଏବଂ ସେମାନେ ଆଗାମି ଦିନରେ ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରେରଣା ନେଇ ଫେରିଛନ୍ତି। ଏହି ସଫଳତାର ପଛରେ ଆର୍ଟସ ଟେମ୍ପଲ ସୁବର୍ଣ୍ଣପୁରର କୋଚ୍ ଏବଂ ସୁବର୍ଣ୍ଣପୁର ଟାଏକୋଣ୍ଡୋ ସମ୍ପାଦକ ସୁଶାନ୍ତ କୁମ୍ଭାରଙ୍କ କଠିନ ପ୍ରଚେଷ୍ଟା, ସୁନିୟୋଜିତ ପ୍ରଶିକ୍ଷଣ ଓ ନିରନ୍ତର ପ୍ରେରଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏହି ସଫଳତାରେ ଆର୍ଟସେ ଟେମ୍ପଲ ସୁବର୍ଣ୍ଣପୁର ଟାଇକେଣ୍ଡୋର ସଭାପତି ଅଭିଷେକ ନାୟକ, ଆର୍ଟ ଟେମ୍ପଲ ଏବଂ ସୁବର୍ଣ୍ଣପୁର ଟାଇକୋଣ୍ଡୋର ସଂସ୍ଥାପକ ମାଷ୍ଟର ଜ୍ଞାନ ରଞ୍ଜନ ମହାନ୍ତି ସମସ୍ତଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ଆଗାମୀ ଦିନରେ ସୁବର୍ଣ୍ଣପୁର ମାଟିରୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରୀୟ ଟାଏକୋଣ୍ଡ ପ୍ରତିଭାଙ୍କୁ ଗଢିତୋଳିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରହିବ ବୋଲି ସଂସ୍ଥାପକ ମାଷ୍ଟର ମହାନ୍ତି ଦର୍ଶାଇଛନ୍ତି।

# ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଫୁଟବଲ୍ ଟ୍ରଫି ଉଦ୍‌ଯାପିତ




**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାର ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ରାଜ୍ୟ ସ୍ତରୀୟ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ମୁଖ୍ୟମନ୍ତ୍ରୀ ଫୁଟବଲ୍ ଟ୍ରଫି ଉଦ୍‌ଯାପିତ ହୋଇ ଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲ୍ଲା ପ୍ରଶାସନ ଜିଲ୍ଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଏହି ଟ୍ରଫି ଆୟୋଜିତ ହୋଇଥିଲା। ଏଥିରେ ବାଳକ ବିଭାଗ ତରଫରୁ ୬ ଗୋଟି ଦଳ ଓ ବାଳିକା ବିଭାଗରୁ ୪ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ବାଳକ ବିଭାଗରେ ପୋର୍ଟ କ୍ଲବ, ପାରାଦୀପ ଓ ୟୁ.ଜି ହାଇସ୍କୁଲ, ପୁରଣ ଟାଇଗର, ରଘୁନାଥପୁର ମଧ୍ୟରେ ସଙ୍ଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲା। ଶେଷରେ ପୋର୍ଟ କ୍ଲବ, ପାରାଦୀପ ୧-୦ ଗୋଲରେ ଚାମ୍ପିଅନ ଟ୍ରଫି ହାସଲ କରିନେଇଥିବା ସଙ୍ଗେ ସଙ୍ଗେ ପୂରଣ ଟାଇଗର ରନର୍ସଅପ୍ ହୋଇଥିଲେ ଓ ବାଳିକା ବିଭାଗରେ ସରକାରୀ ହାଇସ୍କୁଲ, ପୂରଣ ଚାମ୍ପିଅନ ଟ୍ରଫି ହାସଲ କରିବା ସଙ୍ଗେ ସଙ୍ଗେ ବୋରିକିନା ହାଇସ୍କୁଲ ବାଳିକା ଦଳ ରନର୍ସଅପ ହୋଇ ଥିଲେ। ଏଥିରେ କ୍ରୀଡ଼ା ସଂସଦ ସଂପାଦକ ଦୋଳଗୋବିନ୍ଦ ଦାଶ, ଉପସଭାପତି ଶ୍ରୀକାନ୍ତ ଚୌଧୁରୀ, ସାଧୁ ଚରଣ ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ ଓ କ୍ରୀଡ଼ା ପରିଚାଳନାରେ କ୍ରୀଡ଼ା ଶିକ୍ଷକମାନେ ସହଯୋଗ କରିଥିଲେ।

# ୟୁଜେଏର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ସାମ୍ବାଦିକ ସୁରକ୍ଷା ଓ ପେନସନ ଦାବିରେ ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରାଯାଇଛି। ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ପ୍ରସାଦ, ପ୍ରଦୀପ ବେହେରା, ସତ୍ୟପ୍ରକାଶ ସାହୁ, ସତ୍ୟ ନାରାୟଣ ପାଇକରାୟ, ପ୍ରଭାତ ପାଣିଗ୍ରାହୀ, ଅମିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ମାନଙ୍କ ସୁରକ୍ଷା, ପେନସନ ସହ ଦଫା ୬ ଦାବି ନେଇ ସଂଘ ପକ୍ଷରୁ ଗତ ୨୯ ତାରିଖ ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା।

# ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍‌ର ନିର୍ବାଚନ
## ତପନ ସଭାପତି, ପ୍ରକାଶ ସଂପାଦକ ନିର୍ବାଚିତ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ବହୁ ପ୍ରତୀକ୍ଷିତ ଖୋରଧା ଜିଲ୍ଲା ପ୍ରେସ୍ କ୍ଲବ୍‌ର କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି। ଏହି ନିର୍ବାଚନରେ ସଭାପତି ପଦବୀ ନିମନ୍ତେ ତପନ କୁମାର ନାୟକ ଏବଂ ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ତପନ କୁମାର ନାୟକ ୨୬ ଖଣ୍ଡ ଭୋଟ୍ ଏବଂ ଶୁଭ୍ରାଂଶୁ ରଞ୍ଜନ ସମାନ୍ତରାୟ ୧୨ ଖଣ୍ଡ ପାଇଥିଲେ, ଫଳରେ ତପନ କୁମାର ନାୟକ ୧୪ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିଲେ। ସମ୍ପାଦକ ଭାବରେ ପ୍ରକାଶ କୁମାର ହାତୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଇନ ପରାମର୍ଶଦାତା ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଉପଦେଷ୍ଟା ଦିଲ୍ଲୀପ କୁମାର ପଟ୍ଟନାୟକ, ଉପ ସଭାପତି ପ୍ରସନ୍ନ କୁମାର ପାଇକରାୟ ଏବଂ ଲଳିତ ମୋହନ ମାହାପାତ୍ର, ଯୁଗ୍ମ ସଂପାଦକ ସୟଦ ଲିୟାକତ ଅଲ୍ଲୀ ଏବଂ ଅନସର ଅଲ୍ଲୀ, କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦାସ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଇକବାଲ ଅହମ୍ମଦ, ରାମ ଚନ୍ଦ୍ର ଜୁଝାର ସିଂହ, ଜିତେନ୍ଦ୍ର ଭଞ୍ଜ, ରାଜେଶ ଚନ୍ଦ୍ର ମହାନ୍ତି, ଶୁଭ କାନ୍ତ ମହାପାତ୍ର ଏବଂ ପ୍ରସାର ପ୍ରମୁଖ ଭାବେ ସନ୍ତୋଷ ଚୌଧୁରୀ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ଭଞ୍ଜ ଏବଂ ପ୍ରଭାତ ପାଣିଗ୍ରାହୀ ତାଙ୍କୁ ସହାୟତା କରିଥିଲେ। ଜିଲ୍ଲା ପ୍ରେସ୍ କ୍ଲବ୍‌ର ୪୪ ଜଣ ସଦସ୍ୟଙ୍କ ମଧ୍ୟରୁ ୩୯ ଜଣ ଏହି ମତଦାନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ।

# ଖାଦ୍ୟ ନିରାପତ୍ତାରୁ ଖାଦ୍ୟ ନେତୃତ୍ୱ ପର୍ଯ୍ୟନ୍ତ : ପିଏଲ୍‌ଆଇ ଯୋଜନାରେ ଖାଦ୍ୟ ପ୍ରକ୍ରିୟାକରଣର ପରିବର୍ତ୍ତନକାରୀ ପ୍ରଭାବ



**ଶ୍ରୀ ଅବିନାଶ ଯୋଶୀ**
କେନ୍ଦ୍ର ସରକାରରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟରତ

**ଭାରତର ଖାଦ୍ୟ ଗାଥାର ଏକ ପରିବର୍ତ୍ତନର ମୁହୂର୍ତ୍ତ :** ଆଜି ଭାରତ ତା'ର ଆର୍ଥିକ ପ୍ରଗତି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଦଣ୍ଡାୟମାନ ହୋଇଛି। ଦେଶ ଯେତେବେଳେ ବିଶ୍ୱର ସର୍ବବୃହତ୍ ଆର୍ଥିକ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ ହେବା ଦିଗରେ ଆଗକୁ ଅଗ୍ରସର ହେଉଛି, ଏହାର ବିକାଶକୁ ମଧ୍ୟ କେବଳ ପରିମାଣ ଦୃଷ୍ଟିରୁ ନୁହେଁ, ଆମେ ଯାହା ଉତ୍ପାଦନ କରୁଛୁ, ତାହା କେତେ ମୂଲ୍ୟ ସୃଷ୍ଟି କରୁଛି, ସେ ଦୃଷ୍ଟିରୁ ଆକଳନ କରାଯିବା ଜରୁରୀ ମନେ ହୁଏ।

କେତେକ ଏପରି ବିଶେଷ କ୍ଷେତ୍ର ରହିଛନ୍ତି, ଯେଉଁମାନେ ଏହି ପଟ୍ଟ ପରିବର୍ତ୍ତନକାରୀ ଯାତ୍ରାରେ ସେମାନଙ୍କର ଚିତ୍ର ସ୍ପଷ୍ଟ କରନ୍ତି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ସେମାନଙ୍କ ମଧ୍ୟରେ ଅନ୍ୟତମ।

ଭାରତ ଖାଦ୍ୟଶସ୍ୟ, ଫଳ, ପନିପରିବା, କ୍ଷୀର ଏବଂ ସାମୁଦ୍ରିକ ଉତ୍ପାଦ କ୍ଷେତ୍ରରେ ସର୍ବବୃହତ ଉତ୍ପାଦକର ମାନ୍ୟତା ବହନ କରେ। ଦଶନ୍ଧି ଦଶନ୍ଧି ଧରି ଆମର କୃଷି ସାମର୍ଥ୍ୟ ରାଷ୍ଟ୍ରର ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରି ଆସିଛି। ତଥାପି ଏହି ଉତ୍ପାଦ ପାରମ୍ପରିକ ଭାବେ କୃଷି କ୍ଷେତ ଠାରୁ ବଜାର ପର୍ଯ୍ୟନ୍ତ ଯାତ୍ରା କରିବାର ସୀମିତ ସୁଯୋଗ ରହିଛି, ଯେଉଁଥି ପାଇଁ ଏଥିରେ ମୂଲ୍ୟ ସଂଯୋଗର ମଧ୍ୟ କମ୍ ସୁବିଧା ଅନୁଭୂତ ହୁଏ।

ଆଜି ଭାରତର କୃଷି ଉତ୍ପାଦର ମାତ୍ର ୧୨ରୁ ୧୩ ପ୍ରତିଶତ ଉତ୍ପାଦନ ପ୍ରକ୍ରିୟାକରଣ ମଧ୍ୟ ଦେଇ ବଜାରରେ ପହଞ୍ଚିଥାଏ। ଉତ୍ପାଦନ ଏବଂ ପ୍ରକ୍ରିୟାକରଣ ମଧ୍ୟରେ ଥିବା ପାର୍ଥକ୍ୟ ଭାରତୀୟ ଅର୍ଥନୀତି ପାଇଁ ଏକ ସର୍ବବୃହତ ସୁଯୋଗ ବୋଲି ଅନୁଭୂତ ହୁଏ।

ତେଣୁ ଭାରତର ଖାଦ୍ୟ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ବେଶ୍ ସ୍ପଷ୍ଟ : ବିପୁଳ କୃଷି ଉତ୍ପାଦକୁ ଉଚ୍ଚ ମୂଲ୍ୟଯୁକ୍ତ ଏବଂ ବୈଶ୍ୱିକ ପ୍ରତିଯୋଗୀ ଖାଦ୍ୟ ଉତ୍ପାଦରେ ରୂପାନ୍ତରିତ କରିବା ହେଉଛି ତାହାର ଲକ୍ଷ୍ୟ।

**ପିଏଲ୍‌ଆଇ ଯୋଜନା ପରିକଳ୍ପନା ପଛରେ ଥିବା ଉଦ୍ଦେଶ୍ୟ :** ଏହି ସୁଯୋଗକୁ ସ୍ୱୀକାର ପୂର୍ବକ ଭାରତ ସରକାର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଉତ୍ପାଦନ-ସଂଯୋଗୀ ପ୍ରୋତ୍ସାହନ ଯୋଜନା (ପିଏଲଆଇଏସ୍‌ଏଫପିଆଇ)କୁ ୨୦୨୧ ମସିହା ମାର୍ଚ୍ଚ ମାସରେ ୧୦,୯୦୦ କୋଟି ଟଙ୍କାର ବଜେଟ୍ ପ୍ରାବଧାନ ସହିତ ଶୁଭାରମ୍ଭ କରିଥିଲେ।

ଏହି ଯୋଜନା ୨୦୨୧-୨୨ଠାରୁ ୨୦୨୬-୨୭ ମସିହା ପର୍ଯ୍ୟନ୍ତ ୬ ବର୍ଷ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ (ଏମଓଏଫପିଆଇ) ଦ୍ୱାରା ପ୍ରବର୍ତ୍ତନ କରାଯାଉଛି।

ଏହି ଚିନ୍ତାଧାରାର କେନ୍ଦ୍ରରେ ରହିଛି ଏକ ସରଳ ତଥା ସୁନ୍ଦର ଆଭିମୁଖ୍ୟ। ତାହା ହେଲା- ଖାଦ୍ୟ ପ୍ରକ୍ରିୟାକରଣ କ୍ଷମତାର ସମ୍ପ୍ରସାରଣ, ନବାଚାର ଏବଂ ବୈଶ୍ୱିକ ବ୍ରାଣ୍ଡିଂ ନିମନ୍ତେ ପୁଞ୍ଜିନିବେଶ କରୁଥିବା କମ୍ପାନୀମାନଙ୍କୁ ପ୍ରୋତ୍ସାହିତ କରିବା। ଏହା ଫଳରେ ଏହି ଯୋଜନା ଅନେକ ବୈଶ୍ୱିକ ଖାଦ୍ୟ ଉତ୍ପାଦନକାରୀ ଶିଳ୍ପ ସୃଷ୍ଟି ହୋଇପାରିବ। ଭାରତରେ ଏହିସବୁ ଶିଳ୍ପମାନଙ୍କୁ ପାଣ୍ଠି ଯୋଗାଇ ଦିଆଯାଇ ସେସବୁର ଇନ୍-ଷ୍ଟୋର ବ୍ରାଣ୍ଡିଂ, ସେଲ୍ଫ ସ୍ପେସ୍ ସୃଷ୍ଟି କରାଯାଇ ଅନ୍ତର୍ଜାତୀୟ ଖୁଚୁରା ବଜାର ଚେନ୍ ଏବଂ ବୈଶ୍ୱିକ ବିପଣନ ଚାମ୍ପିଅନରେ ରୂପାନ୍ତରିତ କରାଯାଇପାରିବ।

ରଣନୀତିକ ଡିଜାଇନ୍ : ଏକ ଅତ୍ୟାଧୁନିକ ଖାଦ୍ୟ ଇକୋ-ସିଷ୍ଟମ ନିର୍ମାଣ

ପିଏଲଆଇଏସ୍‌ଏଫପିଆଇ ଯୋଜନାକୁ ଅତି ସତର୍କତାର ସହିତ ତିନୋଟି ପ୍ରମୁଖ ସ୍ତମ୍ଭ ଆକାରରେ ଗଠନ କରାଯାଇଛି।

୧. ଉଚ୍ଚ ସାମର୍ଥ୍ୟଯୁକ୍ତ ଖାଦ୍ୟ ଶିଳ୍ପକୁ ପ୍ରୋତ୍ସାହନ ଯୋଗାଣ : ଏହାର ପ୍ରଥମ ବୈଶିଷ୍ଟ୍ୟ ପ୍ରମୁଖ ଖାଦ୍ୟବର୍ଗରେ ଉତ୍ପାଦନ ମାତ୍ରା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରେ। ଏଥି ମଧ୍ୟରେ ରୋଷେଇ ପାଇଁ ପୂର୍ବରୁ ପ୍ରସ୍ତୁତ ଖାଦ୍ୟ (ରେଡି ଟୁ କୁକ୍) ଏବଂ ଖାଇବା ପାଇଁ ପୂର୍ବ ପ୍ରସ୍ତୁତ ସାମଗ୍ରୀ (ରେଡି ଟୁ ଇଟ୍ ଫୁଡ୍), ପ୍ରକ୍ରିୟାକୃତ ଫଳ ଓ ପନିପରିବା, ସାମୁଦ୍ରିକ ଉତ୍ପାଦ ଆଦି ସାମିଲ।

ଏହିସବୁ ବର୍ଗର ଖାଦ୍ୟ ସେହିସବୁ କ୍ଷେତ୍ରକୁ ସୂଚୀତ କରେ, ଯେଉଁଠାରେ ତା'ର ଘରୋଇ ଉପଭୁକ୍ତି ଏବଂ ରପ୍ତାନୀ ସାମର୍ଥ୍ୟକୁ ଦ୍ରୁତ ମାତ୍ରାରେ ସମ୍ପ୍ରସାରଣ କରିପାରିବ।

୨. ନବାଚାର ଏବଂ ଏମଏସଏମଇ ଅଂଶଗ୍ରହଣକୁ ପ୍ରୋତ୍ସାହନ : ଦ୍ୱିତୀୟ ବୈଶିଷ୍ଟ୍ୟଟି ନବାଚାର ଏବଂ ଜୈବ ଖାଦ୍ୟ ଉତ୍ପାଦ, ଯାହାକି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ମାନଙ୍କ ଦ୍ୱାରା ପ୍ରସ୍ତୁତ ସେସବୁକୁ ସମର୍ଥନ ପ୍ରଦାନ। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗମାନେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ମେରୁଦଣ୍ଡ ବୋଲି ସାବ୍ୟସ୍ତ ହୁଅନ୍ତି ଏବଂ ସେମାନଙ୍କୁ ଆଧୁନିକ ଯୋଗାଣ ଶୃଙ୍ଖଳରେ ସମନ୍ୱିତ କରାଯିବା ସମାବେଶୀ ବିକାଶ ନିମନ୍ତେ ଏକାନ୍ତ ଜରୁରୀ।

୩. ମିଲେଟ୍ ନବାଚାର - ପରମ୍ପରା ସହିତ ଆଧୁନିକ ବଜାରରେ ସଂଯୋଗୀକରଣ : ୨୦୨୩ ମସିହାରେ ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ଅବସରରେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ ଅଧୀନରେ ପିଏଲଆଇ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହାର ଉଦ୍ଦେଶ୍ୟ, ମିଲେଟ୍‌କୁ ରେଡି ଟୁ କୁକ୍ ଏବଂ ରେଡି ଟୁ ଇଟ୍ ଉତ୍ପାଦରେ ପରିବର୍ତ୍ତିତ କରିବା।

ମିଲେଟ୍ (ଲଘୁ ଶସ୍ୟ), ଜଳବାୟୁ ସହନଶୀଳ, ଉଚ୍ଚ ପୁଷ୍ଟିଯୁକ୍ତ ଏବଂ ଭାରତର କୃଷି ପରମ୍ପରା ସହିତ ଗଭୀର ଭାବେ ଜଡ଼ିତ। ତେଣୁ ଏହିସବୁ ଲଘୁ ଶସ୍ୟକୁ ଆଧୁନିକ ପ୍ରକ୍ରିୟାକୃତ ଖାଦ୍ୟ ଧାରାରେ ସମନ୍ୱିତ କରି ଏହି ଯୋଜନା ଏକାଦିକ୍ରମେ ପୁଷ୍ଟି ନିରାପତ୍ତା ଏବଂ ଜଳବାୟୁ ସହନଶୀଳ କୃଷିକୁ ପ୍ରୋତ୍ସାହନ ଯୋଗାଇବା ଲାଗି ପ୍ରୟାସ କରି ଆସୁଛି।

**ପରିବର୍ତ୍ତନ ପଛରେ ଥିବା ସଂଖ୍ୟା :** ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାରେ ସୀମିତ ସମୟ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ହାସଲ କରାଯାଇଥିବା ପ୍ରଗତି ଏହି ଶିଳ୍ପର ପ୍ରତିକ୍ରିୟା ଏବଂ ନୀତିଗତ ସଫଳତାକୁ ପ୍ରତିଫଳିତ କରେ।

**ଏବେ ସୁଦ୍ଧା :** -୧୬୫ଟି କମ୍ପାନୀକୁ ଏହି ଯୋଜନା ଅଧୀନରେ ମଞ୍ଜୁରୀ ପ୍ରଦାନ କରାଯାଇଛି।

- ସେଥିମଧ୍ୟରୁ ୬୮ଟି କମ୍ପାନୀ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବର୍ଗର। ଏହା ବ୍ୟତୀତ ୪୦ଟି ବୃହତ ଉତ୍ପାଦକ କମ୍ପାନୀ ସହିତ ମଧ୍ୟ ଚୁକ୍ତିନାମା କରାଯାଇଛି।
- ଏବେ ସୁଦ୍ଧା ପୁନଃପୌନିକ ଭାବେ ଏଥିରେ ୯,୨୦୭ କୋଟି ଟଙ୍କା ନିବେଶ କରାଯାଇଛି।
- ବର୍ଷକୁ ପ୍ରାୟ ୩୫ ଲକ୍ଷ ମେଟ୍ରିକ ଟନ୍ ନୂତନ ପ୍ରକ୍ରିୟାକୃତ ଖାଦ୍ୟ ପ୍ରସ୍ତୁତ ଏବଂ ସଂରକ୍ଷଣ କ୍ଷମତା ସୃଷ୍ଟି କରାଯାଇଛି।
- ଏହି ଯୋଜନା ଉଭୟ ପ୍ରତ୍ୟକ୍ଷ ଏବଂ ଅପ୍ରତ୍ୟକ୍ଷ ଭାବେ ୩.୨୯ ଲକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

ଉଲ୍ଲେଖଯୋଗ୍ୟ ଯେ ଏହି ଯୋଜନା ଅଧୀନରେ ମୂଳ ନିଯୁକ୍ତି ଲକ୍ଷ୍ୟ ୨.୫ ଲକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ରଖା ଯାଇଥିଲା। ଏବେ ସୁଦ୍ଧା ଏହି କ୍ଷେତ୍ର ଏହି ଲକ୍ଷ୍ୟର ୧୩୧ ପ୍ରତିଶତ ସଫଳତା ହାସଲ କରି ସାରିଛି।

ପ୍ରକ୍ରିୟାକୃତ କୃଷି ଉତ୍ପାଦ, ଯାହାକି ପିଏଲଆଇ ସମର୍ଥିତ କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ, ସେସବୁର ବିକ୍ରୟ ମଧ୍ୟ ବାର୍ଷିକ ଚକ୍ରବୃଦ୍ଧି ହାରରେ ବୃଦ୍ଧି ପାଇ ଚାଲିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ବିକାଶ ହାର ୧୩.୨୩ ପ୍ରତିଶତ ରେକର୍ଡ କରା ଯାଇଛି। (ରପ୍ତାନୀ ରାଙ୍କର ବିକାଶ ୨୦୧୯-୨୦ ଠାରୁ ୭.୪୧ ପ୍ରତିଶତ ହୋଇଛି)।

**ପିଏଲଆଇ ଯୋଜନାର ଏକ ଉଜ୍ଜ୍ୱଳ ତାରକା :** ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଢାଞ୍ଚା ଭାରତୀୟ ଅର୍ଥନୀତିର ମୋଟ ୧୪ଟି କ୍ଷେତ୍ରରେ ସମ୍ପ୍ରସାରିତ। ସେଥି ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ପିଏଲଆଇ ସବୁଠାରୁ ପ୍ରଭାବୀ ବୋଲି ନିଜକୁ ସାବ୍ୟସ୍ତ କରି ଆଗକୁ ଆଗେଇ ଚାଲିଛି।

ମୋଟ ପିଏଲଆଇ ସବ୍‌ସିଡି ବିତରଣର ମାତ୍ର ୮ରୁ ୯ ପ୍ରତିଶତକୁ ଏବେ ସୁଦ୍ଧା ବିଚାରକୁ ନିଆଯିବା ସତ୍ତ୍ୱେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପିଏଲଆଇ ଯୋଜନାରେ ୪୨ ପ୍ରତିଶତ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

ଅଦ୍ୟାବଧି, ୨୭୧୫ କୋଟି ଟଙ୍କାର ପ୍ରୋତ୍ସାହନ ଏହି ଯୋଜନା ଅଧୀନରେ ଯୋଗାଇ ଦିଆଯାଇଛି, ଯାହାକି ମୋଟ ବଜେଟ୍ ପ୍ରାବଧାନ ଅର୍ଥର ୨୫ ପ୍ରତିଶତ ବୋଲି ଆକଳନ କରାଯାଇଛି।

ଏହା ଭାରତର ଉତ୍ପାଦନ ଇକୋ – ସିଷ୍ଟମରେ ଖାଦ୍ୟ ପ୍ରକ୍ରିୟାକରଣକୁ ସର୍ବାଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟିକ୍ଷମ କ୍ଷେତ୍ର ବୋଲି ପ୍ରମାଣିତ କରିଛି।

ଉପଭୋକ୍ତାଙ୍କ ଜୀବନଶୈଳୀରେ ଘଟୁଥିବା ପରିବର୍ତ୍ତନ ପାଇଁ କାର୍ଯ୍ୟକ୍ରମ : ଭାରତର ଜନସାଂଖ୍ୟିକ ପରିବର୍ତ୍ତନ ଖାଦ୍ୟଶିଳ୍ପକୁ ଏକ ନୂତନ ଆକାର ପ୍ରଦାନ କରୁଛି। ଏକ ଯୁବ, ସହରାଞ୍ଚଳ ଜନସଂଖ୍ୟା ପ୍ରକ୍ରିୟାକୃତ ଖାଦ୍ୟ ଚାହିଦାକୁ ବୃଦ୍ଧି କରିଚାଲିଛି।

- ସହଜ ଖାଦ୍ୟ ସମସ୍ୟା ସମାଧାନ
- ସ୍ୱାସ୍ଥ୍ୟପ୍ରଦ ପ୍ୟାକେଜିଂ
- ନିରାପଦ ତଥା ପୁଷ୍ଟିଯୁକ୍ତ ରେଡି ଟୁ ଇଟ୍ ଉତ୍ପାଦ

ବେଙ୍ଗାଲୁରୁ, ମୁମ୍ବାଇ ଅଥବା ଦିଲ୍ଲୀ ଭଳି ମହାନଗରୀ ମାନଙ୍କରେ କାର୍ଯ୍ୟରତ ପେଷାଦାରମାନେ ଅଧିକତର ଗୁଣାତ୍ମକ ରେଡି ଟୁ ଫୁଡ୍ ଅଥବା ରେଡି ଟୁ ଇଟ୍ ଖାଦ୍ୟ ସାମଗ୍ରୀ ଆବଶ୍ୟକତା କରନ୍ତି। ଯାହା ସେମାନଙ୍କ କର୍ମଚଞ୍ଚଳ ଜୀବନଶୈଳୀ ସହିତ ଉପଯୁକ୍ତ ସାମଞ୍ଜସ୍ୟ ରକ୍ଷା କରିଥାଏ।

ଖାଦ୍ୟ ନିରାପତ୍ତାଠାରୁ ଖାଦ୍ୟ ନେତୃତ୍ୱ ପର୍ଯ୍ୟନ୍ତ ଭାରତର କୃଷି ବିପୁଳତା ହେଉଛି ଏହାର ସର୍ବବୃହତ ସାମର୍ଥ୍ୟ। କିନ୍ତୁ ଆମ ସମ୍ମୁଖରେ ଥିବା ସବୁଠାରୁ ବଡ଼ ଆହ୍ୱାନଟି ହେଲା କିଭଳି ପୋଷଣୀୟ ଆର୍ଥିକ ମୂଲ୍ୟଯୁକ୍ତରେ ପରିବର୍ତ୍ତନ କରିବା। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଏହି ପର୍ଯ୍ୟାନ୍ତରଣକୁ ପ୍ରୋତ୍ସାହିତ କରିବାରେ ସହାୟକ ହେଉଛି ଏବଂ ଖାଦ୍ୟ ନିରାପତ୍ତାଠାରୁ ବୈଶ୍ୱିକ ଖାଦ୍ୟ ନେତୃତ୍ୱ ଗ୍ରହଣ ଯାତ୍ରାରେ ଏହା ଯଥାଶୀଘ୍ର ପ୍ରତିଫଳିତ ହେବାର ଆଶା କରାଯାଏ।

ଭୁବନେଶ୍ୱର, ୩ ମଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଚଳଚଞ୍ଚଳ ରଥଖଳା: ଶ୍ରୀକ୍ଷେତ୍ର ଭଉଁରୀରେ ଡେରା ହେବ ତିନି ରଥର ଅଖ

**ପୁରୀ, ୨।୫ ନ୍ୟୁଜ ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଏବେ ଶ୍ରୀକ୍ଷେତ୍ରର ରଥଖଳା ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି । ମହାପ୍ରଭୁଙ୍କ ତିନି ରଥ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନର ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ପାଇଁ ରଥ ନିର୍ମାଣକାରୀ ସେବକମାନେ ଦିନରାତି ଏକ କରି ଦେଇଛନ୍ତି । ରଥଖଳାରେ ଏବେ କାଠ କଟା ଓ ବାଡ଼େଇ ଶବ୍ଦରେ ପରିବେଶ ଆଧ୍ୟାତ୍ମିକମୟ ହୋଇଉଠିଛି।



ଆସନ୍ତା ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ରଥ ନିର୍ମାଣର ଏକ ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ପନ୍ନ ହେବାକୁ ଯାଉଛି । ଏହି ଦିନ ତିନି ରଥର ମୋଟ ୬ଟି ଚକ ସହିତ ୩ଟି ଅଖ ଡେରାଯିବାର ପରମ୍ପରା ରହିଛି । ଏଥିପାଇଁ ଯନ୍ତାଗାଡ଼ରେ ଚକ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି । ଚକଗୁଡ଼ିକୁ ମଜବୁତ କରିବା ପାଇଁ ସେଥିରେ 'ସିଙ୍ଗଡ଼ା ବାଡ଼ିଆ' କାର୍ଯ୍ୟ ଶେଷ ହୋଇଛି । ରଥ ନିର୍ମାଣର ବିଭିନ୍ନ ଅଂଶ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନି ରଥର ୧୧ଟି ଲେଖାଏଁ 'ଗୁଜ' ଏବଂ ୯ଟି ଲେଖାଏଁ 'ଜଳଯନ୍ତ' ନିର୍ମାଣ କାର୍ଯ୍ୟ ପ୍ରାୟତଃ ସରିବାକୁ ଆସିଲାଣି। ରଥର ପାଞ୍ଚ ଦଣ୍ଡାକୁ ଶକ୍ତ କରି ବାନ୍ଧି ରଖିବା ପାଇଁ ବ୍ୟବହୃତ ହେଉଥିବା 'କୁଡୁକା ଚଉପଟ' କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ମୁଖ୍ୟ ବିଶ୍ୱକର୍ମାଙ୍କ ଦ୍ୱାରା ପଇ ବିନ୍ଧ ପାଇଁ ଅନୁକୂଳ ପୂଜା ସମ୍ପନ୍ନ ହେବା ପରେ, ମହାରଣା ସେବକମାନେ ପଇ ବିନ୍ଧ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ରଥକୁ ସୁଦୃଶ୍ୟ କରିବା ପାଇଁ ରୂପକାର ସେବକମାନେ ଗୁଜଗୁଡ଼ିକରେ ପ୍ରଭୁ ନୃସିଂହଙ୍କ ରୂପ ଅତି ନିଖୁଣ ଭାବେ ଖୋଦେଇ କରୁଛନ୍ତି । ଅପରପକ୍ଷରେ, ଦୋଳବେଦୀ ନିକଟରେ ଥିବା ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଚକ ଡେରା ନୀତି ପାଇଁ ଆବଶ୍ୟକ ହେଉଥିବା ପନ୍ଦାରୀ ବଳା ଏବଂ ଅର କଣ୍ଟା ପ୍ରସ୍ତୁତ କରିବାରେ ବ୍ୟସ୍ତ ଅଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ନିର୍ମାଣର ଅଗ୍ରଗତି ଉପରେ ସତର୍କ ନଜର ରଖାଯାଇଛି। ସେବକମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳୁଥିବା ବେଳେ, ରଥଖଳାରେ ମହାପ୍ରଭୁଙ୍କ ରଥର ଏହି ନିର୍ମାଣ ଶୈଳୀ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ଜମୁଛି।

# ଭୋଟ ଗଣତି କେଉଁ ଅଧିକାରୀଙ୍କ ଦ୍ୱାରା କରାଯିବ, ତା'ର ଅଧିକାର ନିର୍ବାଚନ କମିଶନଙ୍କର ରହିଛି : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨।୫**

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ବେଳେ ମମତା ବାନାର୍ଜୀଙ୍କ ଟିଏମସି ଏବଂ ବିଜେପି ଭିତରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଦୁଇଟି ପର୍ଯ୍ୟାୟରେ ଭୋଟିଂ ଶେଷ ହେବା ପରେ ଏବେ ଟିଏମସିର ଲଢେଇ ନିର୍ବାଚନ କମିଶନ୍ ସହ ଆରମ୍ଭ ହୋଇସାରିଛି । ମମତାଙ୍କ ପାର୍ଟି ଭୋଟ୍ ଗଣତି ପାଇଁ ସୁପରଭାଇଜର ଓ ସହାୟକ ଭାବରେ କେନ୍ଦ୍ର ସରକାର ଓ ପିଏସୟୁ କର୍ମଚାରୀଙ୍କ ମୁତୟନ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପାଇଁ ଆଇନଗତ ଲଢେଇ କରିଛି । କୋଲକାତା ହାଇକୋର୍ଟରେ ଆବେଦନ ଖାରଜ ହେବାପରେ ଏହି ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି।



ସୁପ୍ରିମକୋର୍ଟ ଶନିବାର ଶୁଣାଣି ବେଳେ ଏହା ସ୍ପଷ୍ଟ କରିଛନ୍ତି ଯେ, ନିର୍ବାଚନ କମିଶନଙ୍କ ପାଖରେ ଏହି କଥାର ସ୍ୱତନ୍ତ୍ର ଅଧିକାର ରହିଛି ଯେ, ଜନଗଣନା ପାଇଁ କେଉଁ ଅଧିକାରୀଙ୍କୁ ଚୟନ କରିବ। ଜଷ୍ଟିସ୍ ବାଗଚୀ କହିଛନ୍ତି. ଏହି ବିକଳ୍ପ ଖୋଲା ରହିଛି ଯେ ଭୋଟ ଗଣତି ସୁପରଭାଇଜର ଓ ଗଣନା ସହାୟକ କେନ୍ଦ୍ର ସରକାରଙ୍କ ହୋଇପାରେ କିମ୍ବା ରାଜ୍ୟ ସରକାରଙ୍କ। ଏଥିପାଇଁ ଯେତେବେଳେ ବିକଳ୍ପ ଖୋଲା ରହିଛି ତେବେ ଏହା ମାନି ହେବନି ଯେ, ନୋଟିଫିକେସନ୍ ନିୟମର ବିପରୀତ ରହିଛି।'

ସୁପ୍ରିମକୋର୍ଟ ଏହି ଟିପ୍ପଣୀ ପରେ ଟିଏମସି ନିଜର ଆଭିମୁଖ୍ୟରେ ୟୁ-ଟର୍ନ ନେଇ ନିର୍ବାଚନ କମିଶନଙ୍କ ସର୍କୁଲାରକୁ କଡାକଡି ଭାବରେ ଲାଗୁ କରିବାର ଦାବି କରିଛି। ଏହାର ଜବାବରେ କମିଶନ୍ କୋର୍ଟଙ୍କୁ ଆଶ୍ୱାସନା ଦେଇଛି ଯେ, ଗାଇଡଲାଇନକୁ ଠିକ୍ ଭାବରେ ପାଳନ କରାଯାଉଛି। ଉଲ୍ଲେଖନୀୟ ଯେ, ଏହି ଆବେଦନ ଉପରେ ଶୁଣାଣି ପାଇଁ ଜଷ୍ଟିସ୍ ପମିଦିଘତମ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଇଛି।

## ଜିତୁ ମୁଣ୍ଡା ଘଟଣାରେ ନିର୍ମଳାଙ୍କୁ ଚିଠି ଲେଖିଲେ ନବୀନ

# ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ

**ଭୁବନେଶ୍ୱର, ୦୨/୦୫
ନ୍ୟୁଜ ବ୍ୟୁରୋ**



ଜିତୁ ମୁଣ୍ଡା ଘଟଣାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଲେ ବିରୋଧିଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଗତ ଏପ୍ରିଲ ୨୭ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲିପଶି ଶାଖାରେ ଘଟିଥିବା ଅମାନବୀୟ ଘଟଣାରେ ଆଲୋକପାତ କରିବା ପାଇଁ ବିରୋଧୀ ଦଳ ନେତା ଚିଠି ଲେଖିଛନ୍ତି। ବ୍ୟାଙ୍କ ଏହି ଅମାନବୀୟ ଆଚରଣକୁ ଯଥାର୍ଥ କରିବା ପାଇଁ ଆରବିଆଇ ନିର୍ଦ୍ଦେଶାବଳୀର ଆଳ ଦେଖାଉଛି । ଏହାଦ୍ୱାରା ବ୍ୟାଙ୍କ ଅଧିକାରୀମାନଙ୍କର ଦାୟିତ୍ୱବୋଧତାକୁ ଲୁଚେଇବା ପାଇଁ ଚେଷ୍ଟା କରାଯାଉଛି। ଗଣତନ୍ତ୍ରରେ ନିୟମ ନାଗରିକମାନଙ୍କୁ ଅପମାନିତ କରିବା ପାଇଁ ନୁହେଁ ବରଂ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଲେଖିଛନ୍ତି ଯେ, ଏହି ଭୟଙ୍କର ଘଟଣା ସମଗ୍ର ଓଡ଼ିଶାର ଜନଭାବନାକୁ ଆଘାତ ଦେଇଛି। ନ୍ୟୁୟର୍କ ପୋଷ୍ଟ ଏବଂ ବିବିସି ଭଳି ଅନ୍ତର୍ଜାତୀୟ ଗଣମାଧ୍ୟମରେ ମଧ୍ୟ ଏହି ଘଟଣା ଦୃଷ୍ଟି ଆକର୍ଷଣ କରିଛି। ଏହି ଘଟଣାଟି ପୃଥକ ଭାବରେ ଆମକୁ ଏକ ଅଧିକ ମାନବିକ ବ୍ୟାଙ୍କିଂ ପ୍ରଶାସନ ପ୍ରତିଷ୍ଠା କରିବା ପାଇଁ ଏକ ଅନ୍ତର୍ଦୃଷ୍ଟି ପ୍ରଦାନ କରୁଛି। ବିଶେଷକରି ଦୂରବର୍ତ୍ତୀ ଆଦିବାସୀ ଅଞ୍ଚଳରେ। ଏହି ଆଶ୍ଚର୍ଯ୍ୟଜନକ ତ୍ରୁଟି ପାଇଁ ତୁରନ୍ତ ସ୍ପଷ୍ଟ ଦାୟିତ୍ୱ ସ୍ଥିର କରାଯାଉ। ଏହା ସମସ୍ତ ଗ୍ରାମୀଣ ବ୍ୟାଙ୍କଗୁଡ଼ିକୁ ସହାନୁଭୂତି ସହିତ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ଗ୍ୟାରେଣ୍ଟି ଦେବା ପାଇଁ ଏକ ସ୍ପଷ୍ଟ ସଙ୍କେତ ଦେବ। ଘଟଣାରେ ଆପଣଙ୍କ ହସ୍ତକ୍ଷେପ ସହିତ, ନାଗରିକଙ୍କ ପ୍ରତି ଏହି ପ୍ରକାରର ଅମାନବୀୟ ବ୍ୟବହାର ଦେଶର ଅନ୍ୟ କୌଣସି ସ୍ଥାନରେ ପୁନରାବୃତ୍ତି ନହେଉ ବୋଲି ଲେଖିଛନ୍ତି ଶ୍ରୀ ପଟ୍ଟନାୟକ।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ଘଟଣାରେ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଭୁଶୁଡ଼ିପଡିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଜଣେ ଗରିବ ଭାଇ ପ୍ରମାଣ ପାଇଁ ଭଉଣୀଙ୍କ କଙ୍କାଳ ନେଇ ଯିବା ସରକାରଙ୍କ ବିଫଳତା। ଓଡ଼ିଶାକୁ ଜାତୀୟ ସ୍ତରରେ ଦୁର୍ନାମ କରିବା ପାଇଁ ବିଜେପି ଏପରି କରୁଛି। ଯେତେବେଳେ ମଣିଷ କଙ୍କାଳ ନେଇ ଜଣେ ୩ କିମି ଗଲା ସେତେବେଳେ କେଉଁଠି ଥିଲେ ସରକାରୀ ଅଧିକାରୀ ଓ ବିଜେପିର କର୍ମୀମାନେ। କାହିଁକି ଅଟକାଇଲେ ନାହିଁ। ସରକାର ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି, ଯିଏ ଦୋଷୀ ସେ ଦଣ୍ଡ ପାଇବ। ଜାଣିଜାଣି ବିଜେପି ଓଡ଼ିଶାକୁ ବଦନାମ କରୁଛି।

# କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ 'ବିଲ୍‌ଡିଂ ବ୍ରିଜେସ୍ ଫର ଇନ୍‌କ୍ଲୁସିଭିଟି' ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ୨।୫
ନ୍ୟୁଜ ବ୍ୟୁରୋ**

ବିଲଡିଂ ବ୍ରିଜ୍ ଫର ଇନ୍‌କ୍ଲୁସିଭିଟି (ଆଇସିବିବି ୨୦୨୬) ଉପରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିକ୍ଷା ତଥା ନିଯୁକ୍ତି କ୍ଷେତ୍ରରେ ଅନ୍ତର୍ଭୁକ୍ତ ପ୍ରଣାଳୀକୁ ମଜବୁତ କରିବା ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞ, ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରକମାନେ ଏକତ୍ରିତ ହୋଇଥିଲେ।

ସିକନ୍ଦରାବାଦସ୍ଥିତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର ଏମପାୱାରମେଣ୍ଟ ଅଫ୍ ପର୍ସନସ ଅଫ୍ ଉଇଥ ଇଣ୍ଟେଲେକଚ୍ୟୁଆଲ୍ ଡିଜାବିଲିଟି (ଏନ୍‌ଆଇଇପିଆଇଡି) ଓ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ ମିଳିତ ଉଦ୍ୟମରେ ଇଂଲଣ୍ଡର ୟୁନିଭରସିଟି ଅଫ୍ ସସେକ୍ସ ସହଯୋଗରେ ଏହି ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ଭାରତ ସରକାରଙ୍କ ଦିବ୍ୟାଙ୍ଗ ଜନ ସଶକ୍ତିକରଣ ବିଭାଗ ଓ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍‌ଏସ୍‌ଇପିଡି) ବିଭାଗ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।




ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ସସେକ୍ସ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଥମ୍ପସନ୍ କହିଲେ, ଅନ୍ତର୍ଭୁକ୍ତ ଶିକ୍ଷା ନୀତିଗତ ଢାଞ୍ଚାଠାରୁ ଅଧିକ ହେବ। ସେ କହିଲେ, ଏହାକୁ କେବଳ କଥାରେ କହିଲେ ହେବନାହିଁ, ଏହାକୁ କାମରେ କରି ଦେଖାଇବାକୁ ପଡ଼ିବ। ସ୍ଥାୟୀ ବିଶ୍ୱାସ-ଆଧାରିତ ସହଯୋଗ ଅର୍ଥପୂର୍ଣ୍ଣ ଅନ୍ତର୍ଭୁକ୍ତିକୁ ହାସଲ କରିବାର ଚାବିକାଠି। ଅନ୍ତର୍ଭୁକ୍ତ ଶିକ୍ଷା ନିଶ୍ଚିତ ରୂପେ ଅନୁକୂଳ ଓ ପରିବର୍ତ୍ତନ ପାଇଁ ଖୋଲା ରହିବ ବୋଲି ସେ କହିଥିଲେ।

ସ୍ୱତନ୍ତ୍ର ଶିକ୍ଷା କ୍ଷେତ୍ରରେ ରାଜ୍ୟର ପଦକ୍ଷେପ ଉପରେ ଆଲୋକପାତ କରି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ରଜନୀ ଜାନି ସ୍ପେସିଆଲ୍ ଏଜୁକେସନ୍ କ୍ଷେତ୍ରରେ ନିଜ ଅଭିଜ୍ଞତା ବିଷୟରେ କହିଥିଲେ। ସେ କହିଲେ, ଛୋଟ ପ୍ରୟାସ ମଧ୍ୟ ବିଶେଷ ଆବଶ୍ୟକତା ଥିବା ବ୍ୟକ୍ତିଙ୍କ ଜୀବନରେ ଏକ ମହତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ। ପ୍ରକୃତ ଅନ୍ତର୍ଭୁକ୍ତିକୁ ହାସଲ କରିବା ପାଇଁ ଦୟା, ଧୈର୍ଯ୍ୟ ସେମାନଙ୍କ ମଧ୍ୟରେ ଦୂରତାକୁ ଦୂର କରିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ଏଭଳି ସମ୍ମିଳନୀ ବର୍ତ୍ତମାନ ସମୟରେ ଅତି ଗୁରୁତ୍ୱପୂର୍ଣ୍ଣ ଓ ଅନ୍ତର୍ଭୁକ୍ତ ଶିକ୍ଷା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ରହିଛି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ହେଉଛି ଦେଶର ଏକମାତ୍ର ଅନୁଷ୍ଠାନ ଯେଉଁଠି ସ୍ୱତନ୍ତ୍ର ପିଲାମାନଙ୍କୁ ଶିକ୍ଷା ଦେଉଥିବା ସେନ ଗ୍ଲୋବ ପଦକ୍ଷେପ ସହିତ ଅନ୍ତର୍ଭୁକ୍ତିକୁ ସମର୍ଥନ କରିଛି। ଏହାର ମାନବ-କେନ୍ଦ୍ରିକ ଆଭିମୁଖ୍ୟ ହେତୁ ଏହା ସଫଳ ହୋଇପାରିଛି ବୋଲି ସେ କହିଥିଲେ। କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ଚେୟାରପର୍ସନ ଡ ମୋନାଲିସା ବଳ ବକ୍ତବ୍ୟ ଦେଇ କହିଲେ, ନିପେଡ୍ ଓ ସସେକ୍ସ ବିଶ୍ୱବିଦ୍ୟାଳୟର ସହଯୋଗରେ ବିଲ୍ଡିଂ ପାଇଁ ବ୍ରିଜ୍ ନିର୍ମାଣ ସକାଶେ ଏଭଳି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଉଛି। ଏଠାରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ ଗ୍ଲୋବ୍‌ର ଚିନ୍ତାଧାରାର ପ୍ରତିଫଳନ ରହିଛି।

ଏହି ଅବସରରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ ନିପେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ବୁଝାମଣା ଅନୁସାରେ ଉଭୟ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ ନିପେଡ୍ ତାଲିମ, ରିସୋର୍ସ ବିନିମୟ, ଜ୍ଞାନର ବିନିମୟ କାର୍ଯ୍ୟ ଜରିଆରେ ଶିକ୍ଷାର ବିକାଶ କରିବେ। ଫଳରେ ଉଭୟ ଅନୁଷ୍ଠାନ ଆନୁଷ୍ଠାନିକ ସହଯୋଗକୁ ବୃଦ୍ଧି କରିପାରିବେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସଭାପତି ଶାଶ୍ୱତି ବଳ, ନିପେଡ୍ ନିର୍ଦ୍ଦେଶକ ଡ. ବି. ଭି. ରାମକୁମାର, ଏସ୍‌ଭିନିରତାର ନିର୍ଦ୍ଦେଶକ ଡ. ପି ପି ମହାନ୍ତି ଉପସ୍ଥିତ ଥିଲେ।

# ବିଡିଏ ଜଏଣ୍ଟ କମିଶନର, ହାଉସିଂ ବୋର୍ଡର ଡେପୁଟି କମିଶନରଙ୍କ ଉପସ୍ଥିତିରେ ସାଲିଆ ସାହିରେ ଉଚ୍ଛେଦ ହେଲା ୮୧ ଘର

**ଭୁବନେଶ୍ୱର, ୦୨/୦୫
ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ସାଲିଆସାହିରେ ବୁଲିଲା ବୁଲ୍‌ଡୋଜର। ପୂର୍ବ ନୋଟିସ ଅନୁଯାୟୀ ୮୧ ଘର ଉଚ୍ଛେଦ ହୋଇଛି। ୧୫ ନମ୍ବର ୱାର୍ଡର ଏକାମ୍ର ଭିଲା ବେହେରା ବସ୍ତିର ୮୧ ଘର ଉଚ୍ଛେଦ ହେଉଛି। ଉଚ୍ଛେଦ ସ୍ଥାନରେ ବିଡ଼ିଏ ଜଏଣ୍ଟ କମିଶନର, ଡେପୁଟି କମିସନର ହାଉସିଂ ବୋର୍ଡର ଅଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ। ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ପାଇଁ ଉଚ୍ଛେଦ ହେଉଛି। ଉଚ୍ଛେଦ ଭିତରେ ଘର, ଗୁହାଳ ଓ ନବ ନିର୍ମିତ ମନ୍ଦିର ରହିଛି। ପୂର୍ବରୁ ୭୦ ଘରଙ୍କୁ ବୁଦ୍ଧବିହାରରେ ଘର ଦିଆସରିଛି। ଏହି ଉଚ୍ଛେଦକୁ ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯେଉଁ ସ୍ଥାନରେ ଉଚ୍ଛେଦ ହେଉଛି ପ୍ରଥମେ ତାଙ୍କୁ ଥଇଥାନ କରାଯାଉଛି । ବିଏମସି ଲଟେରୀ ବ୍ୟବସ୍ଥା କରିଛି ପରେ ଉଚ୍ଛେଦ କାମ ଆରମ୍ଭ ହୋଇଛି। ଏହା ପରେ ବି ଘର ସିଫ୍ଟ ବାବଦରେ ସେମାନଙ୍କୁ ଆର୍ଥିକ ସହାୟତା ଦିଆଯାଉଛି। ପ୍ରଥମେ ଥଇଥାନ ହୋଇଛି ପରେ ଉଚ୍ଛେଦ ହୋଇଛି । ଲୋକଙ୍କର ଏ ବାବଦରେ ଆଉ ଅଭିଯୋଗ ରହିବନି । ପୂର୍ବରୁ ଲୋକଙ୍କୁ ଥଇଥାନ ନ କରି ଉଚ୍ଛେଦ କରାଯାଉଥିଲା। ସରକାର ଲୋକଙ୍କ କଥା ଚିନ୍ତା କରି ସେମାନଙ୍କୁ ଥଇଥାନ କରି , ରାସ୍ତା ପ୍ରଶସ୍ତୀକରଣ ପାଇଁ ଏହି ଉଚ୍ଛେଦ କରାଯାଉଛି। ପ୍ରକାଶ ଥାଉକି, ୨୦୨୫ ନଭେମ୍ବର ୨୦ରେ ମଧ୍ୟ ଉଚ୍ଛେଦ ହୋଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୨/୦୫/୨୦୨୬
୭,୦୮,୫୧୭/- ଟଙ୍କା
ସୁନା:-୦୦ଗ୍ରାମ୍୧୫୦ ମିଲିଗ୍ରାମ
ରୂପା:-୨୦ଗ୍ରାମ୍୧୫୦ ମିଲିଗ୍ରାମ

# ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ : ଲଗାତାର ୧୯ବର୍ଷ ଧରି କିସ୍‌ର ଶତ ପ୍ରତିଶତ ସଫଳତା

**ଭୁବନେଶ୍ୱର, ୨।୫
ନ୍ୟୁଜ ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ସମଗ୍ର ଓଡ଼ିଶାରେ ପାସ୍ ହାର ୯୫.୩୩% ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି । କିସ୍ ଆରମ୍ଭରୁ ଲଗାତାର ୧୯ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି । ଚଳିତ ବର୍ଷ ସ୍କୁଲ୍‌ର ମୋଟ ୨୦୩୧ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୫୦ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ରୀ ସୁଚେତା ସୋରେନ୍ ସର୍ବାଧିକ ୫୬୮ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି । ଏହା ସହିତ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୧୩୧ ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି । ସେଥିମଧ୍ୟରୁ ୪୬ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।



ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି । କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଡ. ସାମନ୍ତ କହିଛନ୍ତି, କିସ୍‌ର ଏହି ଛାତ୍ରଛାତ୍ରୀମାନେ ହେଉଛନ୍ତି ଶିକ୍ଷା କ୍ଷେତ୍ରରେ ସେମାନଙ୍କ ବଂଶର ପ୍ରଥମ ପିଢ଼ି । କିସ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ସେମାନଙ୍କ ମୂଳଦୁଆକୁ ଦୃଢ଼ କରିପାରିଛି । ସେଥିପାଇଁ ପ୍ରତିବର୍ଷ କିସ୍ ଏହି ସଫଳତା ପାଇପାରୁଛି ବୋଲି ଡ. ସାମନ୍ତ କହିଛନ୍ତି । ଏଥିପାଇଁ ଡ. ସାମନ୍ତ କିସ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସେହିପରି ଗ୍ରାମାଞ୍ଚଳ ସ୍କୁଲ କଲରାବାଙ୍କ ଉଚ୍ଚବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ସ୍ନେହାଶିଷ ମହାପାତ୍ର ସର୍ବାଧିକ ୫୪୦ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ଡ. ସାମନ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି ।

# ପୁରୀ, ଭୁବନେଶ୍ୱର ଓ କଟକକୁ ନେଇ ମେଟ୍ରୋ ପରିକଳ୍ପନା କରୁଛୁ : ମନ୍ତ୍ରୀ

**ଭୁବନେଶ୍ୱର, ୦୨/୦୫ ନ୍ୟୁଜ ବ୍ୟୁରୋ**

ନୂଆ ରୂପରେ ଆସିବ ମେଟ୍ରୋ । ପୁରୀ, ଭୁବେନେଶ୍ୱର ଓ କଟକକୁ ନେଇ ଟ୍ରାଇ ସିଟିର ପରିକଳ୍ପନା ହୋଇଛି । ଆଗାମୀ ଦିନରେ ଭୁବେନେଶ୍ୱର, ପୁରୀ, କଟକ ଓ ପାରାଦ୍ୱୀପ ଇକୋନୋମିକାଲ ରିଜନ ହେବ । ଏଥିରେ ରାଜ୍ୟର ସବୁ ପ୍ରକାର ଇକୋନୋମିକ ଗ୍ରୋଥ ହେବ ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ନଗର ଉନ୍ନୟନ ମନ୍ତ୍ରୀ ଆହୁରି କହିଛନ୍ତି ଯେ, "ଆମେ ମେଟ୍ରୋ ବିରୋଧରେ ନାହୁଁ, ମେଟ୍ରୋ କରିବାକୁ ସରକାର ଚାହୁଁଛନ୍ତି । ମେଟ୍ରୋକୁ ଆମେ ବନ୍ଦ କରିନାହୁଁ, ସ୍ଥଗିତ ରଖିଛୁ । ମେଟ୍ରୋ ପାଇଁ ଯାହା ପ୍ରକ୍ରିୟା ଦରକାର ଆମେ ଚାଲୁ ରଖିଛୁ । ବିକଳ୍ପ ରାସ୍ତା ନ କରି ମେଟ୍ରୋ କଲେ, ଲୋକେ ହନ୍ତସନ୍ତ ହେବେ। ମେଟ୍ରୋ ପାଇଁ ବିକଳ୍ପ ରାସ୍ତା ଓ କେନ୍ଦ୍ରର ସହାୟତା ଆବଶ୍ୟକ । ମେଟ୍ରୋର ଆବଶ୍ୟକତା ରହିଛି । ସରକାର କେବଳ ଭୁବେନେଶ୍ୱର ପାଇଁ ମେଟ୍ରୋ ପରିକଳ୍ପନା କରୁନାହାନ୍ତି । ପୁରୀ, ଭୁବେନେଶ୍ୱର ଓ କଟକକୁ ନେଇ ଟ୍ରାଇ ସିଟିର ପରିକଳ୍ପନା କରିଛୁ । ମେଟ୍ରୋ ଯିବା ପୂର୍ବରୁ ଟାଉନରେ ପ୍ଲାନିଂ ହୋଇନଥିଲା।" କୃଷ୍ଣ ଚନ୍ଦ୍ର ମହାପାତ୍ର ଆହୁରି କହିଛନ୍ତି, "୨୪ ବର୍ଷ ସରକାରରେ ଥିଲେ ଟାଉନ ପ୍ଲାନିଂ ସ୍ଥିତି ଅଛି କି । ଭୁବନେଶ୍ୱର ସହରରେ ଆଜି କାହିଁକି ଏ ପରିସ୍ଥିତି ? ଦାୟୀ କିଏ ? ମେଟ୍ରୋ ପାଇଁ ଯାହା ପ୍ରକ୍ରିୟା ଦରକାର ଆମେ ଚାଲୁ ରଖିଛୁ । ବିକଳ୍ପ ରାସ୍ତା ନ କରି ମେଟ୍ରୋ କଲେ ଟେଷ୍ଟିଂ ସମୟରେ ଲୋକେ ହତସନ୍ତ ହେଉଥିଲେ । ବର୍ଷ ବର୍ଷ ଧରି କାମ ଚାଲିଥିଲେ କ'ଣ ହୋଇଥାନ୍ତା ? ମେଟ୍ରୋ କରିବା ପାଇଁ ବିକଳ୍ପ ରାସ୍ତାର ଆବଶ୍ୟକ । ଆମକୁ କେନ୍ଦ୍ର ସରକାରଙ୍କ ସହାୟତା ନେବାର ଅଛି । ତା'ର ପ୍ଲାନ ଟେକ୍ନୋଲୋଜି ଆମକୁ ଗ୍ରହଣ କରିବାର ଅଛି ।''




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଶ୍ରମିକମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ତ୍ୟାଗ ଆମ ଦେଶ ତଥା ରାଜ୍ୟକୁ ଆଗକୁ ବଢ଼ିବାରେ ସହାୟକ ହେଉଛି

**ଭୁବନେଶ୍ୱର, ୧/୫
ନ୍ୟୁଜ ବ୍ୟୁରୋ**

ଅନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଶ୍ରମିକ ସମାଜର ଅକ୍ଲାନ୍ତ ପରିଶ୍ରମ ଓ ତ୍ୟାଗକୁ ଗଭୀର ସମ୍ମାନ ଜଣାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶ୍ରମିକମାନେ ମାନବ ସଭ୍ୟତାର ପ୍ରକୃତ ନିର୍ମାତା ଏବଂ ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ତ୍ୟାଗ ଆମ ଦେଶ ତଥା ରାଜ୍ୟକୁ ଆଗକୁ ବଢ଼ିବାରେ ସହାୟକ ହେଉଛି । ତେଣୁ ସେମାନଙ୍କୁ ଉଚିତ ପାରିଶ୍ରମିକ ପ୍ରଦାନ ସହିତ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ନ୍ୟାୟୋଚିତ ଅଧିକାର, ସାମାଜିକ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ । ମୁଖ୍ୟମନ୍ତ୍ରୀ ମଇ ଦିବସର ଐତିହାସିକ ପ୍ରସଙ୍ଗକୁ ସ୍ମରଣ କରି ଏହି ଦିନ ଶ୍ରମିକମାନଙ୍କ ଏକତା, ସଂଘର୍ଷ ଓ ଅଧିକାରର ପ୍ରତୀକ ଭାବେ ପରିଚିତ ବୋଲି କହିଥିଲେ । ସେ ପୁଣି କହିଥିଲେ ଆମ ସରକାର ଶ୍ରମିକମାନଙ୍କ ସାମଗ୍ରିକ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ନୂତନ ଭାବେ ପଞ୍ଜିକରଣ କରାଯାଇଥିବାବେଳେ ୫୪୧କୋଟି ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହା ସହିତ ଅଣସଂଗଠିତ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଦେବା ପାଇଁ ବିଶେଷ ପଦକ୍ଷେପ ଗ୍ରହଣ ହୋଇଥିବା ସେ ଉଲ୍ଲେଖ କରିଥିଲେ । 'ଶ୍ରମିକ ସାଥୀ' ମୋବାଇଲ ଆପ୍ ମାଧ୍ୟମରେ ଶ୍ରମିକମାନଙ୍କୁ ସହଜରେ ସେବା ଯୋଗାଇ ଦିଆଯାଉଥିବା ବିଷୟରେ ସେ ଖୁସିବ୍ୟକ୍ତ କରିଥିଲେ । ଶ୍ରମିକମାନଙ୍କୁ ଉଚିତ ମଜୁରୀ ଓ କାର୍ଯ୍ୟକ୍ଷେତ୍ରରେ ସମ୍ମାନଜନକ ପରିବେଶ ଯୋଗାଇବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ପାଇଁ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା ଦୈନିକ ୧୦ଟଙ୍କା ବୃଦ୍ଧି ଘୋଷଣା କରିଥିଲେ ।



ଏହା ଅପ୍ରେଲ ୧ ତାରିଖରୁ ପିଛଲା ଭାବରେ ଲାଗୁ ହେବ । ଏହା ଫଳରେ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ଦୈନିକ ମଜୁରି ୪୭୨ ଟଙ୍କା, ଅର୍ଦ୍ଧକୁଶଳୀଙ୍କ ପାଇଁ ୫୨୨ଟଙ୍କା, କୁଶଳୀଙ୍କ ପାଇଁ ୫୭୨ଟଙ୍କା ଏବଂ ଉଚ୍ଚକୁଶଳୀଙ୍କ ପାଇଁ ୬୨୨ଟଙ୍କାକୁ ବୃଦ୍ଧି ପାଇବ । ସେ ଆହୁରି କହିଥିଲେ ଯେ, ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା ଓ ସହାୟତା ପାଇଁ ସରକାର ବିଶେଷ ଗୁରୁତ୍ୱ ଦେଇ କାମ କରୁଛନ୍ତି ଏବଂ ହେଲ୍ପଲାଇନ୍ ବ୍ୟବସ୍ଥା ମାଧ୍ୟମରେ ତ୍ୱରିତ ସହାୟତା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବ୍ୟାପକ ଶିଳ୍ପାୟନ ଜରିଆରେ ଆଗାମୀ ଦିନରେ ଦାଦନ ସମସ୍ୟା ଦୂର ହେବ। ଆମ ରାଜ୍ୟର ଶ୍ରମଜୀବୀମାନେ ରାଜ୍ୟ ଭିତରେ କାମ ପାଇବେ । ଏଥିପାଇଁ ଆମର ପଦକ୍ଷେପ ଆରମ୍ଭ ହୋଇଯାଇଛି । ଓଡ଼ିଶାରେ ରୋଜଗାର ସୁଯୋଗ ଦେଖି ଆଜି ରିଭର୍ସ ମାଇଗ୍ରେସନ ଆରମ୍ଭ ହେଲାଣି । ତିରୁପୁର ଓ କୋଏମ୍ବାଟୁର ପରି ସ୍ଥାନରୁ ଓଡ଼ିଆ ଶ୍ରମିକମାନେ ଆସି ଆମର ପୋଷାକ ଶିଳ୍ପରେ କାମ କଲେଣି । ଆମ ସରକାର ଆସିବାର ମାତ୍ର ୨୨ମାସ ମଧ୍ୟରେ ବେସରକାରୀ କ୍ଷେତ୍ରରେ ୯୨ହଜାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିଛି । ସେଥିରୁ ୧୦ହଜାର ଯୁବକ ଯୁବତୀ ଅନ୍ୟ ରାଜ୍ୟରୁ ପ୍ରତ୍ୟାବର୍ତ୍ତନ କରି ଆସି ଓଡ଼ିଶାରେ କାମ କରୁଛନ୍ତି । ଶ୍ରମଜୀବୀମାନଙ୍କୁ ବର୍ଷତମାମ କାମ ଯୋଗାଇଦେବା ପାଇଁ ଆମ ସରକାରଙ୍କ ପକ୍ଷରୁ 'ଡାଲଖାଇ ଯୋଜନା' ଆରମ୍ଭ କରାଯାଉଛି। ଦାଦନ ସମସ୍ୟା ରୋକିବାରେ ଏହା ପ୍ରମୁଖ ମାଧ୍ୟମ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୩୦କୋଟି ଟଙ୍କା ବ୍ୟୟ ଅଟକଳରେ ଡିଭିଜନାଲ ଶ୍ରମ ଆୟୁକ୍ତ ଓ ସହକାରୀ ଶ୍ରମ ଅଧିକାରୀମାନଙ୍କ ପାଇଁ ୫୦ଟି ନୂତନ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଶ୍ରମିକମାନଙ୍କୁ ସରକାରୀ ସୁବିଧା ହାତପାହାନ୍ତାରେ ପହଞ୍ଚାଇବାରେ ଏହା ଏକ ମାଇଲଷ୍ଟୋନ୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ସହିତ ଶ୍ରମିକ ନେତାମାନଙ୍କ ଅବଦାନକୁ ସମ୍ମାନ ଜଣାଇ ୫ଜଣ ବିଶିଷ୍ଟ ଶ୍ରମିକ ନେତା ଭଦ୍ରକ ଜିଲ୍ଲାର ସୁମିତା ମହାପାତ୍ର, କଟକ ଜିଲ୍ଲାର କିଶୋର ଚନ୍ଦ୍ର ଜେନା, ସମ୍ବଲପୁର ଜିଲ୍ଲାର ଗୋକୁଳ ମେହେର, ଭୁବନେଶ୍ୱରର ମଦନ ମୋହନ ଧଳ ଏବଂ ସମ୍ବଲପୁର ବୁର୍ଲାର ପ୍ରଶାନ୍ତ କୁମାର ପାଢ଼ୀଙ୍କୁ "ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ'' ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ଏଥିସହିତ ବିଭିନ୍ନ ବର୍ଗର ଶ୍ରମିକମାନଙ୍କୁ ପରିଚୟପତ୍ର ଏବଂ ଶିକ୍ଷା, ବିବାହ ଓ ମୃତ୍ୟୁକାଳୀନ ସହାୟତା ରାଶି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ସାରା ରାଜ୍ୟରେ ୬୦୦୦ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରିବା ସହ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ବାବଦରେ ୧୫୦କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।